୨୭ତମ ପ୍ରତିଷ୍ଠା ଦିବସ ଅଭିନନ ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ସମ୍ବାଦପତ୍ର

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.55 Bhubaneswar Saturday April 05 2025 ୨୭ତମ ବର୍ଷ ସଂଖ୍ୟା-୫୫ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୫, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଆଗେଇ ଚାଲିଛି ପୋଲାଭରମ ପ୍ରକଳ୍ପ, ହାତ ଟେକିଦେଇଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୪ ।୪(ପି.ଏନ): ପୋଲାଭରମ ପ୍ରସଙ୍ଗକୁ ନେଇ ପୁଣି ହରତ୍‌ଘଣାରେ ରାଜ୍ୟ ବିଜେପି ସରକାର। ପ୍ରକଳ୍ପ ଦ୍ୱାରା ଆନ୍ଧ୍ର ଲାଭବାନ ହେବାକୁ ଥିବା ବେଳେ ଯେଉଁ କିଛି ଅଞ୍ଚଳ ପ୍ରଭାବିତ ହେବ ସେମାନଙ୍କ ପାଇଁ ମଧ୍ୟ ଚିନ୍ତା କରୁଛନ୍ତି ଆନ୍ଧ୍ର ସରକାର। ପ୍ରଭାବିତ ହେବାକୁ ଥିବା ଆନ୍ଧ୍ରର ୯ ଟି ଗ୍ରାମରେ ଗ୍ରାମସଭା ହୋଇଛି। ଜମି ଅଧିଗ୍ରହଣ ତଥା ଥଇଥାନ ପାଇଁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ପରିବାରଙ୍କ ସହମତି ନିଆଯିବ। ସେମାନଙ୍କ ସୁବିଧା ପାଇ ମତାମତ ନିଆଯାଇଛି। ସର୍ବାଧିକ କ୍ଷତି ସହିବାକୁ ଥିବା ଓଡିଶାର ଆଦିବାସୀ ମାନେ କିନ୍ତୁ କେବେ ବୁଝିବେ ତାକୁ ଅପେକ୍ଷା କରିଛନ୍ତି। ଓଡିଶାର କୌଣସି ଲାଭ ହେବ ନାହିଁ। ହଜାର ହଜାର ଆଦିବାସୀ କ୍ଷତିଗ୍ରସ୍ତ ହେବା ସହ ବହୁ ଜଙ୍ଗଲ ଜମି ଓ ଆଦିବାସୀ ଅଞ୍ଚଳ ବୁଡିଯିବ। ନା ହେଉଛି ଗ୍ରାମସଭା ନା କୌଣସି ସର୍ଭ ? । ଯାହାକୁ ନେଇ ଆମ ଜନତା ଅଧିକାର ସରକାରଙ୍କ ଉପରେ ବର୍ଷିଛି। ଆନ୍ଧ୍ର ନିଜ ଲୋକଙ୍କ ପାଇଁ କେତେ ତତ୍ପର ତାହା ସ୍ପଷ୍ଟ ହେଉଛି। ହେଲେ ରାଜ୍ୟ ସରକାର ଶୋଇଛନ୍ତି। ଆନ୍ଧ୍ର ରାଜନୈତିକ ବାର୍ଗେନ କରୁଛି କିନ୍ତୁ ଓଡିଶା ସରକାର ଚୁପ। ଓଡିଶା ବିଜେପି ସରକାର ଓ ୨୦ ବିଜେପି ସାଂସଦଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ ବୋଲି କୁହାଯାଇଛି। ଏ ପ୍ରସଙ୍ଗରେ ଆମ ଜନତା ଅଧିକାର ପକ୍ଷରୁ କରାଯାଉଥିବା କ୍ଷୟକ୍ଷତି ସମ୍ପର୍କିତ ସର୍ଭ ?ର କାମ ୮୦ ପ୍ରତିଶତ ସରିଛି। ସର୍ଭ ? ଶେଷ ହୋଇ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ସଂଗଠନର ପ୍ରତିନିଧି ଦଳ ସରକାରଙ୍କ ସହ ରାଷ୍ଟ୍ରପତିଙ୍କ ନିକଟରେ ବିଧିବଦ୍ଧ ଦାବି ସହ ମାଲକାନଗିରି ବାସୀଙ୍କ ସୁରକ୍ଷା ପାଇଁ ଲଢେଇ ଜୋରଦାର କରିବେ। ସେପଟେ ରାଜନୈତିକ ଦଳଗୁଡିକ ମଧ୍ୟ ସରକାରଙ୍କୁ କଡା ନିନ୍ଦା କରିଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ଆଦିବାସୀ। ମାଲକାନଗିରି ଜିଲ୍ଲାର ଆଦିବାସୀ ମାନେ ପୋଲାଭରମ ପ୍ରକଳ୍ପ ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହେବେ। କିନ୍ତୁ ଏ ଯାଏ ସେଠାରେ ପଲ୍ଲୀସଭା, ଗ୍ରାମସଭା ହୋଇନାହିଁ। ବିଧାନସଭାରେ ମଧ୍ୟ ଏ କଥା ଉଠାଯାଇଥିଲା। କିନ୍ତୁ ସରକାର ନିରବ ରହିଲେ। କେନ୍ଦ୍ରରେ ବିଜେପି ସରକାର ଆନ୍ଧ୍ରକୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି। କିନ୍ତୁ ଓଡ଼ିଶାର ଆଦିବାସୀଙ୍କ ସୁରକ୍ଷା ପାଇଁ ରାଜ୍ୟ ବିଜେପି ସରକାରର ଆଗ୍ରହ ନାହିଁ। କେନ୍ଦ୍ରର ଚାପରେ ଚୁପ ରହିଛି ଓଡିଶା ବିଜେପି ସରକାର। ମାଲକାନଗିରିର ୧୬ଟି ଆଦିବାସୀ ଗାଁ ଜଳମଗ୍ନ ହେବ, ତିନି ଚାରୋଟି ନଦୀର ଜଳ ମଧ୍ୟ ନିଷ୍କାସିତ ହେବ ନାହିଁ। ଆଦିବାସୀ ମାନେ ତ୍ରାହି ତ୍ରାହି ଡାକିଲେଣି। କିନ୍ତୁ ବିଜେପି ସରକାର କେନ୍ଦ୍ର ଚାପରେ କାହିଁକି ଚୁପ ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। କଂଗ୍ରେସ ଆଦିବାସୀଙ୍କ ସୁରକ୍ଷା ପାଇଁ ଦୁର୍ବାର ଆନ୍ଦୋଳନ କରିବ ବୋଲି ଚେତାଇ ଦେଇଛନ୍ତି କାଡାମ। ସେପଟେ ସିପିଆଇଏମଏଲର କହିବା କଥା ପୂର୍ବ ସରକାର ସମୟରେ ଯେଭଳି ସ୍ୱର ଉତ୍ତୋଳନ ହେଉଥିଲା ଏବେ ତାହା ନାହିଁ। ପୋଲାଭରମ ପ୍ରସଙ୍ଗରେ ଆଦିବାସୀଙ୍କର ଏକ ବଡ଼ ସଂଗ୍ରାମ ହେବ। ୨୦୨୬ ସୁଦ୍ଧା ପୋଲାଭରମ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସବୁ ଶକ୍ତି ଖଟାଇ ଲାଗି ପଡ଼ିଛନ୍ତି ଆନ୍ଧ୍ର ସରକାର। କେନ୍ଦ୍ରର ବିଜେପି ସରକାର ମଧ୍ୟ ଆନ୍ଧ୍ର ପାଇଁ ନିଜର ପେଡି ଖୋଲି ଦେଇଛନ୍ତି। କିନ୍ତୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର କିନ୍ତୁ ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା ତ ଦୂରର କଥା ପୋଲାଭରମ ଯୋଗୁ କେତେ କ୍ଷୟକ୍ଷତି ହେବ ତାର ଆକଳନ ବି କରୁ ନାହାନ୍ତି।

## ପୁଣିଥରେ ନବୀନ ମଡେଲକୁ ନୀତି ଆୟୋଗଙ୍କ ପ୍ରଶଂସା

ଭୁବନେଶ୍ୱର,୪ ।୪(ପି.ଏନ): ସରକାର ବଦଳିଛି । ହେଲେ ନବୀନ ନୀତିରେ ଏବେ ବି ଶତମୁଖ ନୀତି ଆୟୋଗ । ପ୍ରକାଶ ପାଇଛି ୨୦୨୫ ନୀତି ଆୟୋଗ ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ରିପୋର୍ଟ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ଆର୍ଥିକ ପରିଚାଳନାରେ ସବୁ ରାଜ୍ୟଠୁ ଆଗରେ । ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କରେ ୬୭.୮ ପଏଣ୍ଟ ପାଇ ଦେଶରେ ଏକ ନମ୍ବର ପୋଜିସନ ପାଇଛି । ଖୋଦ ବିଜେପି ଶାସିତ ଡବଲ ଇଞ୍ଜିନ ରାଜ୍ୟମାନେ ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି । ନୀତି ଆୟୋଗଙ୍କ ରିପୋର୍ଟ ପୁଣି ଥରେ ନବୀନଙ୍କ ଆର୍ଥିକ ସୁପରିଚାଳନା ନୀତିକୁ ମୋହର ମାରିଛନ୍ତି । ଗୁଜରାଟ ୫ ନମ୍ବର ସ୍ଥାନରେ ଥିବାବେଳେ ଉତ୍ତରପ୍ରଦେଶ ୭ ନମ୍ବର ଓ ମଧ୍ୟପ୍ରଦେଶ ୯ ନମ୍ବର ସ୍ଥାନରେ ରହିଛି । ୨୦୨୪ରେ ସରକାର ପରିବର୍ତ୍ତନ ହୋଇଛି ସତ, କିନ୍ତୁ ଏବର ଡବଲ ଇଞ୍ଜିନ ସରକାର ଉତ୍ତରାଧିକାରୀ ସୂତ୍ରରେ ନବୀନଙ୍କ ଆର୍ଥିକ ସୁପରିଚାଳନାର ଫଳ ଅମଳ କରୁଛନ୍ତି ବୋଲି ବିଜେଡି ଦାବି କରିଛି । ଏବର ସରକାର ଅବିଚାରିତ ଭାବେ ଋଣ କରିଚାଲିଛନ୍ତି । ଫଳରେ ରାଜ୍ୟର ବିତ୍ତୀୟ ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଯାଉଛି । ଏ ଦୁର୍ବୁଦ୍ଧି ରାଜ୍ୟ ସରକାରଙ୍କୁ କେନ୍ଦ୍ରରୁ ମିଳିଛି । ଦେଶର ଅଭିବୃଦ୍ଧି ଆଗରେ ମୁଣ୍ଡପିଛା ଆୟରେ ୧୪୦ ତମ ସ୍ଥାନରେ ରହିଛି । ମୋହନ ସରକାର ଚାଣକ୍ୟ ନୀତିରେ ନ ଯାଇ ଚାର୍ବାକ ନୀତିରେ ଚାଲିଛି । ଖୋଦ କଂଗ୍ରେସ ମଧ୍ୟ ନବୀନଙ୍କ ଆର୍ଥିକ ପରିଚାଳନାକୁ ପ୍ରଶଂସା କରିଛି । ନବୀନ ପଟ୍ଟନାୟକଙ୍କ ଆର୍ଥିକ ପରିଚାଳନାର ୪ଟି ଥିଲା ମୁଖ୍ୟ ଦିଗ । ଖୋଲାବଜାରରୁ ଅଧିକ ସୁଧରେ ଋଣ ନିଆଯାଉନଥିଲା । କେବଳ ଆଇଏମ୍‌ଏଫ, ବିଶ୍ୱ ବ୍ୟାଙ୍କ, ଏଡିବିରୁ ଶୂନରୁ ୨ ପ୍ରତିଶତ ହାରରେ ନିଆଯାଉଥିଲା ଋଣ । ପୁଞ୍ଜିଗତ ବ୍ୟୟକୁ ଗୁରୁତ୍ୱ ଦିଆଯାଇ ରାଜ୍ୟର ଆୟକୁ ବୃଦ୍ଧି କରାଯାଇଥିଲା । ଲୋୟର ସୁକତେଲ, ପାର୍ବତୀ ଗିରି ମେଗା ଜଳସେଚନ ପ୍ରକଳ୍ପଠୁ ଆରମ୍ଭ କରି ବିଜୁ ଏକ୍ସପ୍ରେସ ଓ୍ୱେ, ବିଏସ୍‌ ?ୱାଇ, ଶିକ୍ଷା ସହାୟତା ରାଜ୍ୟକୁ ନୂଆ ପରିଚୟ ସୃଷ୍ଟି କରୁଥିଲା । ଏଥିରେ ଲୋକଙ୍କ ଆୟ ସଞ୍ଚୟ ହେବା ସହ ଉତ୍ପାଦିକତା ବୃଦ୍ଧି ପାଉଥିଲା । ଫଳରେ ଋଣ ନେବାର ଆବଶ୍ୟକତ ନଥିଲା । ଅନ୍ୟରାଜ୍ୟଙ୍କ ଋଣଭାର ୬ ଲକ୍ଷରୁ ୭ ଲକ୍ଷ କୋଟି ରହିଥିଲା । ସେମାନେ ସୁଧ ବାବଦରେ ୧ ଟଙ୍କା ଆୟର ୫୬ ପଇସା ସୁଧ ପରିଶୋଧରେ ଖର୍ଚ୍ଚ କରୁଥିଲେ । ଓଡ଼ିଶା ଖର୍ଚ୍ଚ ପରିଶୋଧ କରୁଥିଲା ମାତ୍ର ୧୨ ପଇସା । ତୃତୀୟରେ ଯାହା ବି ନୀତି ପ୍ରଣୟନ କରାଯାଉଥିଲା ଫାଇଭ-ଟି ବ୍ୟବସ୍ଥା ଯୋଗୁ ଲୋକଙ୍କ ପାଖରେ ସରକାରଙ୍କ ଯୋଜନାର ସୁଫଳ ପହଞ୍ଚିପାରୁଥିଲା । ଚତୁର୍ଥ କଥାଟି ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପ୍ରଗତି ପଥରେ ମୁଖ୍ୟମନ୍ତ୍ରୀ ସହ ୧ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚାଇବା ପାଇଁ ଭିଜନ ରଖିଥିଲେ । ଯାହାକି ଏବର ସରକାରରେ ଦେଖିବାକୁ ମିଳୁନି । ନବୀନଙ୍କ ସୁଶାସନକୁ ଲୋକେ ଏବେ ବି ମନେ ପକାଉଛନ୍ତି । ବିଗତ ୨୪ ବର୍ଷ ଥିଲା ଓଡ଼ିଶା ଶାସନର ସୁବର୍ଣ୍ଣଯୁଗ । ଯେଉଁଥିରେ ରାଜ୍ୟ ଅର୍ଥନୀତି ୧୮ ଗୁଣ ବଢିଥିଲା ।

## ସରିଲା ଅଧିବେଶନ, ଆରମ୍ଭ ହେଲା ହିସାବ ନିକାଶ
## ବିଧାୟକଙ୍କ ଫୋକସରେ ନିର୍ବାଚନମଣ୍ଡଳୀ

ଭୁବନେଶ୍ୱର,୪ ।୪(ପି.ଏନ): ବିଧାନସଭା ଅଧିବେଶନ ସରିବା ପରେ ଆରମ୍ଭ ହୋଇଛି ପୋଷ୍ଟମଟମ। ମୁଖ୍ୟ ବିରୋଧୀ ଦଳ ବିଜେଡି ଉଠାଇ ଥିଲା ପଛୁଆ ବର୍ଗ ସଂରକ୍ଷଣ, ମହାନଦୀ, ପୋଲାଭରମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଧାନ କଟନି ଛଟନୀ, ଆଦିବାସୀ ହଷ୍ଟେଲ ସୁରକ୍ଷା, ଶ୍ରୀମନ୍ଦିର ସମସ୍ୟା, ମିଶନ ଶକ୍ତିକୁ ସରକାର ଶକ୍ତିହୀନ କରୁଥିବା ପରି ପ୍ରସଙ୍ଗ । ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ପ୍ରଶ୍ନ ବି କରିଥିଲା ବିଜେଡି। ଦଳର ବିଧାୟକମାନେ ନିଜ ଅଂଚଳର ସମସ୍ୟା କଥା ଉଠାଇ ସମାଧାନର ବାଟ ଖୋଜିଥିଲେ । ଗୃହ ମୁଲତବୀ ହେବା ପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନିର୍ବାଚନୀ ମଣ୍ଡଳୀ ଉପରେ ବିଜେଡି ବିଧାୟକମାନେ ଫୋକସ୍ କରିଛନ୍ତି। ସେପଟେ ଶାସକ ଦଳର ବିଧାୟକ କହିଛନ୍ତି ଏଥରର ଅଧିବେଶନ ବେଶ ଉତ୍ସାହନ ଜନକ ଥିଲା। ଏହି ଅଧିବେଶନରେ କଂଗ୍ରେସର ୧୪ ବିଧାୟକ ଅଧିକାଂଶ ସମୟ ନାରୀ ନିର୍ଯାତନା ପ୍ରସଙ୍ଗରେ ଉଭୟ ଗୃହ ଭିତରେ ଓ ବାହାରେ କରିଥିଲେ ହଟ୍ଟଗୋଳ। ଅଧିକାଂଶ ସମୟ ଗୃହ ବାହାରେ ରହିଥିଲେ। ସେମାନେ ଖର୍ଚ୍ଚବାଦି ଆଲୋଚନାରେ ଭାଗ ନେଇ ପାରିଲେ ନାହିଁ କି ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଏବଂ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲରେ ଦଳର ମତ ରଖିପାରିଲେ ନାହିଁ। ଏହା ବିଜେପିକୁ ବେଶ ସୁହାଇଥିଲା । କଂଗ୍ରେସର ବିଧାୟକ ଗୃହ କାର୍ଯ୍ୟରେ ସାମିଲ ହୋଇନଥିବାରୁ ନିଜ ଅଂଚଳର ସମସ୍ୟା କଥା ବି ଉଠାଇପାରିନଥିଲେ । ଏବେ ଅଧିବେଶନ ସରିଲା ପରେ ବିଧାୟକମାନେ ନିର୍ବାଚନୀ ମଣ୍ଡଳୀ ଯାଇ ଭୋଟରଙ୍କ ସହ ସମ୍ପର୍କ ଯୋଡିବାକୁ ଅଣ୍ଟା ଭିଡିଛନ୍ତି। ଏଥର ବିଧାନସଭାର ବଜେଟ ଅଧିବେଶନରେ ଥିଲା ୨୫ଟି କାର୍ଯ୍ୟ ଦିବସ। ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ କରି ସରକାରଙ୍କୁ ଜବାବ ମାଗିଥିଲା ବିଜେଡି।ବିଧାନସଭା ଇତିହାସରେ ପ୍ରଥମ ଥର କଂଗ୍ରେସର ସବୁ ବିଧାୟକ ୭ କାର୍ଯ୍ୟଦିବସରୁ ନିଲମ୍ବନ ହେବା ପରେ ବ୍ୟାକଫୁଟକୁ ଚାଲିଯାଇଥିଲା ଦଳ ।

## ନବୀନଙ୍କୁ ଚେତାଇଲେ ନେତା: ଅପବାଦ ମୁଣ୍ଡାଇବାକୁ
## ପ୍ୟାରୀ-ପାଣ୍ଡିଆନ ନାହାନ୍ତି, ଏଣିକି ଆପଣ ହିଁ ଦାୟୀ

ଭୁବନେଶ୍ୱର,୪ ।୪(ପି.ଏନ): "ଏବେ ପ୍ୟାରୀ ମହାପାତ୍ର କି ଭିକେ ପାଣ୍ଡିଆନ ନାହାନ୍ତି ଯେ ସେମାନଙ୍କୁ କର୍ମୀ-ନେତା ଭୁଲ୍ ବୁଝିବେ । ଯାହାସବୁ ଦଳରେ ଏବେ ହେଉଛି ସେଥିପାଇଁ ଆପଣ ହିଁ ସିଧାସଳଖ ଦାୟୀ ରହିବେ ।" ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦଳର ବରିଷ୍ଠ ନେତାମାନଙ୍କ ଏଭଳି ମଧୁର-ଚେତାବନୀ ଯେତିକି ଅପ୍ରତ୍ୟାଶିତ ନଥିଲା ତା'ଠୁ ବେଶୀ ଆଶ୍ଚର୍ଯ୍ୟଜନକ ଥିଲା ନବୀନଙ୍କ ଧାଡିକିଆ ଜବାବ- 'ଆଇ ୱିଲ୍ ରିମେମ୍ବର"।

ୱାକଫ୍ ସଂଶୋଧନ ବିଲ୍ ପ୍ରସଙ୍ଗରେ ରାଜ୍ୟସଭାରେ ଗୁରୁବାର ବିଜେଡିର ନାଟକୀୟ ଆଭିମୁଖ୍ୟକୁ ନେଇ ଦଳରେ ସୃଷ୍ଟି ହୋଇଥିବା ବିସ୍ଫୋରକ ପରିସ୍ଥିତି ମଧ୍ୟରେ ଶୁକ୍ରବାର ପୂର୍ବାହ୍ନରେ ଆଗଧାଡିର ଦଳୀୟ ନେତାମାନେ ନବୀନଙ୍କୁ ଭେଟି ସାଂଗଠନିକ ପରିଚାଳନା ଓ ଦଳର ଆଭିମୁଖ୍ୟକୁ ନେଇ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଆଉ ସେମାନଙ୍କ ସହ ନବୀନ ଯେଭଳି ଢଙ୍ଗରେ ଆଲୋଚନା କରିଛନ୍ତି ସେଥିରୁ ବିଜେଡି ଭବିଷ୍ୟତରେ ବିଜେପି ସହ ଲଢ଼ିବା ସ୍ଥିତିରେ ନଥିବା ଓ ନବୀନଙ୍କ ଦୋମୁହାଁ ଚରିତ୍ର ଏକରକମ ସ୍ପଷ୍ଟ ହୋଇଯାଇଛି। ଇସ୍ତଫା ଦେବାର ଚେତାବନୀ ପରେ ଭେଟିଲେ ନବୀନ

ରାଜ୍ୟସଭାରେ ୱକଫ୍ ବିଲ୍ ପ୍ରସଙ୍ଗରେ ନରେନ୍ଦ୍ର ମୋଦି ସରକାରଙ୍କୁ ସୁହାଇବା ଭଳି ଗତକାଲି ବିଜେଡିର ନିଷ୍ପତ୍ତିକୁ ନେଇ ଆଜି ରାଜ୍ୟ ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟରେ ଶାସକ ବିଜେପି ସହ ଦଳର କର୍ମୀ ଓ ନେତାମାନେ ତୃଣମୂଳସ୍ତରରେ ଲଢୁଥିବାବେଳେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବିଜେପି ସରକାରଙ୍କୁ ସୁହାଇବା ଭଳି ନିଷ୍ପତ୍ତି ନେବାକୁ କେହି ସହଜରେ ହଜମ କରିପାରିନାହାନ୍ତି । ଦଳର ବରିଷ୍ଠ ନେତାମାନେ ଶଙ୍ଖଭବନରେ ବସି ବୈଠକ କରି ଏଭଳି ନିଷ୍ପତ୍ତି କାହିଁକି ନିଆଗଲା ବୋଲି ତା'ର କାରଣ ଖୋଜିବା ସହ ନବୀନଙ୍କୁ ଭେଟି ସ୍ପଷ୍ଟୀକରଣ ମାଗିବାକୁ ସଜବାଜ ହୋଇଥିବାବେଳେ ଆଗଧାଡିର ୬-୭ଜଣ ନେତା ପୂର୍ବାହ୍ନରେ ନବୀନ ନିବାସ ଯାଇ ନବୀନଙ୍କୁ ଭେଟିଥିବା ଜଣାପଡିଛି । ନବୀନଙ୍କୁ ସ୍ୱାସ୍ଥ୍ୟ ଯାଂଚ୍ ପାଇଁ ଡାକ୍ତର ଆସିଥିବାର ବାହାନା ଦେଖାଇ ଏହି ନେତାମାନଙ୍କୁ ପ୍ରଥମେ ଭେଟିବାର ସୁଯୋଗ ଦିଆଯାଇ ନଥିଲା ।

## ଆରମ୍ଭ ହେଲା ବ୍ରହ୍ମପୁରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା

ବ୍ରହ୍ମପୁର,୪ ।୪(ପି.ଏନ): ପିତ୍ରାଳୟରେ ବୁଢୀ ଠାକୁରାଣୀ । ଦୁଇବର୍ଷ ପରେ ବାପା ଘରକୁ ଆସିଲେ ମାଆ । ଦେଶୀ ବେହେରା ସାହିର ଅସ୍ଥାୟୀ ମନ୍ଦିରରେ ମାଆ ସାଆନ୍ତାଣୀ । ଦର୍ଶନ ପାଇଁ ସକାଳୁ ସକାଳୁ ଛୁଟିଛି ଶ୍ରଦ୍ଧାଳୁଙ୍କ ସୁଅ । ବିଳମ୍ବିତ ରାତିରେ ଦେଶୀ ବେହେରା ଦମ୍ପତି ଚାଙ୍ଗୁଡ଼ିରେ ଇଟମଳା ଫୁଲ ନେଇ ବିଶାଳ ପଟୁଆରରେ ବାହାରିଥିଲେ ମାଆଙ୍କ ମନ୍ଦିର । ଶଙ୍ଖ, ଘଣ୍ଟ, ଢୋଲ, ଚାଙ୍ଗୁ ବାଦ୍ୟରେ ଦୁଲୁକିଥିଲା ପରିବେଶ । ଚଣ୍ଡୀପାଠ, ଦିଗବନ୍ଦନ, ଆଳତୀ, ମନ୍ତଣା ପରେ ମାଆଙ୍କୁ ଅର୍ପଣ କରାଯାଇଥିଲା ଫୁଲ । କିଛି ସମୟ ପରେ ପିତ୍ରାଳୟ ଆସିବାକୁ ମଥାରୁ ଫୁଲ ଖସାଇ ସମ୍ମତି ଜଣାଇଥିଲେ ମାଆ । ଦେଶୀ ବେହେରାଙ୍କ ହାତକୁ ଆଜ୍ଞାମାଳ ଆସିବା ପରେ ଏହାକୁ ନେଇ ସାହିକୁ ଫେରିଥିଲେ ଦମ୍ପତି । ରାଜାଗୁର୍ଜି, ବଡ଼ବଜାର, ଖାସ୍ତା ସାହି ଓ କାଞ୍ଜି ବେହେରା ସାହି ଦେଇ ମାଆଙ୍କ ଚାଙ୍ଗୁଡ଼ି ଦେଶୀ ବେହେରା ସ୍ଥିତ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲା । ସାହିର ମହିଳାମାନେ ରାସ୍ତାରେ ଗୋବର ପାଣିରେ ଲିପା ପୋଛା କରି ବିଭିନ୍ନ ଝୋଟି ଦେଇ ମାଆଙ୍କୁ ସ୍ୱାଗତ କରିଥିଲେ । ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମାଙ୍କୁ ଅସ୍ଥାୟୀ ମନ୍ଦିରରେ ସ୍ଥାପନ କରାଯାଇଥିଲା । ଏହା ପରେ ବିଦ୍ଧିବଦ୍ଧ ଭାବେ ଆରମ୍ଭ ହୋଇଛି ଯାତ୍ରା ।

## ଓଡିଶାର ୨ଟି ରେଳ ପ୍ରକଳ୍ପକୁ ଅନୁମୋଦନ ଦେଲା କେନ୍ଦ୍ର କ୍ୟାବିନେଟ୍

ନୂଆ ଦିଲ୍ଲୀ/ ଭୁବନେଶ୍ୱର, ୪ ।୪(ପି.ଏନ): କେନ୍ଦ୍ର କ୍ୟାବିନେଟ୍‌ରେ ୪ଟି ବଡ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡିକ ଓଡିଶା ସମେତ ଛତିଶଗଡ ଓ ମହାରାଷ୍ଟ୍ରରେ ନିର୍ମାଣ ହେବ। ଏଥିରେ ଓଡିଶାର ୨ଟି ପ୍ରକଳ୍ପ ସାମିଲ ରହିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈ ?ଷ୍ଣବ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଓଡିଶାରେ ରେଳ ପ୍ରକଳ୍ପର ବକାଶ ପାଇଁ କେନ୍ଦ୍ର ସରକାର ଜରପଡା-(ତାଳଚେର-ଅନୁଗୁଳ ଅଞ୍ଚଳ) ସମ୍ବଲପୁର-(ଶାସନ)ଝାରସୁଗୁଡା ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ରେଳମନ୍ତ୍ରୀ କହିଛନ୍ତି, ଜରପଡା-ସମ୍ବଲପୁର ମଧ୍ୟରେ ୧୨୭କିମି ବିଶିଷ୍ଟ ତୃତୀୟ ଓ ଚତୁର୍ଥ ରେଳଲାଇନ୍ ପାଇଁ ୩,୯୧୭ କୋଟି ଟଙ୍କା ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ରାଜ୍ୟର ଜିଡିପିରେ ପରିବର୍ତ୍ତନ ହେବ ଏବଂ ଅର୍ଥନୈତିକ କାରବାରରେ ସହାୟକ ହେବ। ୨୭ମିଲିୟନ ଟନ୍ ଅତିରିକ୍ତ ମାଲ ପରିବହନ କରାଯାଇପାରିବ।

## ରାତି ପାହିଲେ ବାବା ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ଭୁବନେଶ୍ୱର,୪ ।୪(ପି.ଏନ): ରଥ, ପଥ ପ୍ରସ୍ତୁତ। ଚଳଚଞ୍ଚଳ ଭୁବନେଶ୍ୱର ଏକାମ୍ର କ୍ଷେତ୍ର। ପ୍ରଶାସନକୁ ରଥ ହସ୍ତାନ୍ତର ପରେ ହେବ ପ୍ରତିଷ୍ଠା । ଶନିବାର ରଥରେ ବଢି ଯାତ୍ରାରେ ଯିବେ ବାବା ଲିଙ୍ଗରାଜ । ରଥ ଖଲାରେ ଦୀର୍ଘ ୧୦ ଦିନ ହେଲା ୬୫ ଜଣ ମହାରଣା, କମାର, ଓ ବେହେରା ସେବାୟତ ରଥ ନିର୍ମାଣରେ ଲାଗିଥିଲେ । ଚକ ଅଖ, ଦଣ୍ଡା, ୧୬ କଣ ସିଂହା, ୩୩ ପଟା ବାଜ, ଚାରି ନାହାକା, ୧୬ ଜୋକା, ଘଣ୍ଟି, ଓରା ,ଦଧିନଉତି, ଚାରି ଦୁଆର ଲାଗି ସଜେଇ ହେଲାଣି ରଥ । ରଥର ଉଚ୍ଚତା ପତକା ସହିତ ୪୫ ଫୁଟ ଥିବା ବେଳେ ଚଉଡା ୨୭ ଫୁଟ ରହିଛି । ପ୍ରତିଷ୍ଠା ପରେ ଆରମ୍ଭ ହେବ ଯାତ୍ରା ପ୍ରସ୍ତୁତି । ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ ଓ ଭଉଣୀ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘରକୁ ଯିବେ । ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛି । ମନ୍ଦିର ପ୍ରଶାସନ ପକ୍ଷରୁ ବାବା ଲିଙ୍ଗରାଜଙ୍କ ନିତୀନିର୍ଘଣ୍ଟ ମଧ୍ୟ କରାଯାଇଛି । ରୁକୁଣା ରଥ ଯାତ୍ରାର ନିତୀକାନ୍ତି ବିଳମ୍ବ ନ ହେବ ସେ ନେଇ ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ରାତିରେ ମରଚିକୁଣ୍ଡ ପାଣି ନିଲାମ ହେବାର କାର୍ଯ୍ୟକ୍ରମ ରହିଛି । ଶନିବାର ଅପରାହ୍ନ ୩ ଟା ରେ ରଥଟଣା ଆରମ୍ଭ ହେବ । ଏହାର ୬ ଦିନ ପରେ ବାହୁଡ

# ନୂଆ ପ୍ରୋଜେକ୍ଟର ପ୍ରଥମ ପୋଷ୍ଟର ସେୟାର କଲେ କାଜଲ

ଖୁବ୍‌ଶୀଘ୍ର ନିଜର ଅପ୍‌କମିଙ୍ଗ ଫିଲ୍ମର ଟାଇଟଲ୍ ବିଷୟରେ ଖୁଲାସା କରିବେ 'ସିଂଘମ୍' ନାୟିକା କାଜଲ ଅଗ୍ରୱାଲ। ଗତ ଶନିବାର ସେ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଅପ୍‌କମିଙ୍ଗ ଫିଲ୍ମର ଏକ ପୋଷ୍ଟର ଶେୟାର କରିଛନ୍ତି। ବର୍ତମାନ ଏହାର ଟାଇଟଲ ରହିଛି 'କାଜଲ୧୭୦'। ତେବେ ଆଜି ଅର୍ଥାତ୍ ରବିବାର ଫିଲ୍ମର ପ୍ରଥମ ଝଲକ୍ ଓ ଔପଚାରିକ ଟାଇଟଲ୍ ରିଲିଜ୍ ହୋଇଛି। କାଜଲ ଫିଲ୍ମ ବିଷୟରେ ଅଧିକ ତଥ୍ୟର ଖୁଲାସା କରିନାହାନ୍ତି। ଏହା କେଉଁ ଭାଷାରେ ମୁକ୍ତିଲାଭ କରିବ ଏବଂ ଷ୍ଟାରଙ୍କ ବିଷୟରେ ମଧ୍ୟ କିଛି ସୂଚନା ଦେଇନାହାନ୍ତି। ତେବେ ଫିଲ୍ମର ପ୍ରଥମ ପୋଷ୍ଟର ଜାରି କରିବା ପରଠୁ କାଜଲଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟୁଛି। କୁଇନ୍ ଇଜ୍ ବ୍ୟାକ୍ ବୋଲି ଫ୍ୟାନ୍ ଲେଖୁଛନ୍ତି। ନିକଟରେ ଏକ ତାମିଲ ହରର ଫିଲ୍ମରେ ନଜର ଆସିଥିଲେ କାଜଲ, ଯାହା ଦର୍ଶକଙ୍କ ମନ ଜିଣିବାରେ ବିଫଳ ହେଲା। ନିର୍ଦ୍ଦେଶକ ଶଙ୍କରଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଇଣ୍ଡିଆନ୍-୨'ରେ ସେ କିମ୍ବଦନ୍ତୀ ତାରକା କମଲ ହାସନଙ୍କ ସହ ନଜର ଆସିବେ। ଏଥିରେ ସିଦ୍ଧାର୍ଥ, ରକୁଲ ପ୍ରୀତ ସିଂହ, ବବି ସମ୍ମା ଓ ପ୍ରିୟା ଭବାନୀ ଶଙ୍କର ମୁଖ୍ୟ ଭୂମିକାରେ ଅଛନ୍ତି। ୧୯୯୬ ମସିହାରେ ଏହାର ପ୍ରଥମ ଭାଗ ମୁକ୍ତିଲାଭ କରିଥିଲା। ୨୦୧୯ ମସିହାରେ 'ଇଣ୍ଡିଆନ୍-୨'ର ସୁଟିଂ ଆରମ୍ଭ ହୋଇଥିଲା। ଭାରତରେ ପ୍ରମୁଖ ସିନ୍‌ର ସୁଟିଂ ଶେଷ କରି କିଛି ଖାସ୍ ସିନ୍‌ର ସୁଟିଂ ପାଇଁ ଫିଲ୍ମ ଟିମ୍ ତାଇୱାନ ଯିବାକୁ ଯୋଜନା କରୁଛି।

# ଆଦିପୁରୁଷ ବିବାଦ, ଲେଖକଙ୍କୁ ମିଳିଲା ପୋଲିସ ସୁରକ୍ଷା

ଚଳଚ୍ଚିତ୍ର 'ଆଦିପୁରୁଷ'କୁ ନେଇ ଜାରି ରହିଛି ବିବାଦ। ଫିଲ୍ମ ଦେଖାଯାଇଥିବା ଦୃଶ୍ୟ ଏବଂ କିଛି ଡାଇଲଗକୁ ନେଇ ସାରା ଦେଶରେ ବିରୋଧ ପ୍ରଦର୍ଶନ ହେଉଛି। ଫିଲ୍ମ ଲେଖକ ମନୋଜ ମୁନ୍ତାଶିରଙ୍କୁ ରାମାୟଣର କାହାଣୀ ଖରାପ କରିଥିବା ତଥା ଅପମାନିତ କରିଥିବା ନେଇ ଟ୍ରୋଲ କରାଯାଉଛି। ବିବାଦ ବଢ଼ିବା ପରେ ମନୋଜ ମୁନ୍ତାଶିର ମୁମ୍ବାଇ ପୋଲିସକୁ ସୁରକ୍ଷା ମାଗିଛନ୍ତି। ଆଉ ଏବେ ଆସିଥିବା ତାଜ ରିପୋର୍ଟ ଅନୁଯାୟୀ ମନୋଜଙ୍କୁ ସୁରକ୍ଷା ମିଳିଛି। ମନୋଜ ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରୁଛନ୍ତି। ପ୍ରକୃତରେ ଫିଲ୍ମର ଡାଇଲଗକୁ ନେଇ ମନୋଜଙ୍କୁ ଲଗାତାର ଟାର୍ଗେଟ କରାଯାଉଛି। ରବିବାର, ଫିଲ୍ମର କିଛି ଡାଇଲଗ ବଦଳାଯିବା ନେଇ ମଧ୍ୟ କହିଥିଲେ ମୁନ୍ତାଶିର। ହେଲେ ଏହାପରେ ବି ବିବାଦ କମିନାହିଁ। ଉଲ୍ଲେଖନୀୟ ଯେ, ପ୍ରଭାସ, କୃତି ସାନନ୍ ଓ ସୈଫ୍ ଅଲୀ ଖାନଙ୍କ ଅଭିନୀତ ଫିଲ୍ମ ଆଦିପୁରୁଷ ଶୁକ୍ରବାର ଅର୍ଥାତ୍ ୧୬ ଜୁନ୍‌ରେ ରିଲିଜ୍ ହୋଇଥିଲା। ଫିଲ୍ମକୁ ନେଇ ଏହି ସମୟରେ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ଫିଲ୍ମଟି ବକ୍ସ ଅଫିସରେ ଧମାକା ତ କରୁଛି, କିନ୍ତୁ ଏଥିରେ ଦେଖାଯାଇ ଥିବା ଦୃଶ୍ୟ ଓ ସଂଳାପକୁ ନେଇ ସାରା ଦେଶରେ ଏହାର ବିରୋଧ ମଧ୍ୟ ହେଉଛି। ଅନ୍ୟପଟେ ଫିଲ୍ମକୁ ନେଇ ବ୍ୟାନ୍ ଲଗେଇବା ଦାବି ଉଠିଛି। ରାମାୟଣ ଉପରେ ପର୍ଯ୍ୟବେଶିତ ଏହି ଫିଲ୍ମର ନିର୍ଦ୍ଦେଶକ ଅଛନ୍ତି ଓମ୍ ରାଉତ୍। ଫିଲ୍ମ ନିର୍ମାତାଙ୍କ ଉପରେ ହିନ୍ଦୁତ୍ୱ ଭାବନାକୁ ଆଘାତ ପହଂଚାଇବାର ଅଭିଯୋଗ ହୋଇଛି ଏମିତିକି ଅନେକ ଫିଲ୍ମକୁ ବ୍ୟାନ କରିବାକୁ ଦାବି କରୁଛନ୍ତି। ଖାଲି ଏତିକି ନୁହେଁ ଅନେକ ରାଜନୈତିକ ଦଳର ନେତା ବି ଫିଲ୍ମର ବିରୋଧ କରୁଛନ୍ତି ଏବଂ ଏହା ଉପରେ ବ୍ୟାନ ଲଗାଇବାକୁ ଦାବି କରୁଛନ୍ତି। କେନ୍ଦ୍ର ସରକାର ମଧ୍ୟ କଡ଼ା ଟିପ୍ପଣୀ କରିଛନ୍ତି। କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, 'କାହାର ଭାବନାକୁ ଆଘାତ ଦେବାରେ ଅନୁମତି ନାହିଁ।

# ଗ୍ରୀନ୍ ଲାଇଟ୍ ଥେରାପି

ଆମେରିକାରେ ପାଂଚ କୋଟିରୁ ଅଧିକ ଲୋକ କେ?ଣସି ନା କେ?ଣସି ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଔଷଧ, ଆକ୍ୟୁପଙ୍କଚର, ମସାଜ୍ ଆଦି ସେମାନଙ୍କ ଯନ୍ତ୍ରଣା ହ୍ରାସ କରିପାରୁ ନାହିଁ। ଅନେକ ଯନ୍ତ୍ରଣା ଲାଘବ ପାଇଁ ନେଉଥିବା ଔଷଧକୁ ଏକ ଅଭ୍ୟାସରେ ପରିଣତ କରିଦେଲେଣି ବୋଲି ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ କିଛି ସମୟ ଗ୍ରୀନ୍ ଲାଇଟ୍ ବା ସବୁଜ ରଶ୍ମିରେ ରହିବା ଯେ କୌଣସି ଯନ୍ତ୍ରଣାକୁ କମ୍ କରିଥାଏ ବୋଲି ପ୍ରକାଶ ପାଇଛି। ଏହାକୁ ଗ୍ରୀନ୍ ଲାଇଟ୍ ଥେରାପି କୁହାଯାଉଛି। ସବୁଠୁ ବଡ଼ କଥା ହେଲା, ଏହି ପଦ୍ଧତିରେ କୌଣସି କୁପ୍ରଭାବ ପଡ଼ି ନଥାଏ। ଏଥିପାଇଁ କିଛି ଲୋକଙ୍କୁ ନେଇ ପରୀକ୍ଷା କରାଯାଇଥିଲା। ପ୍ରତ୍ୟେକ ଦିନ ସେମାନଙ୍କୁ ୪ ଘଂଟା ଅଲଗା ଅଲଗା ରଙ୍ଗର ଚଷମା ପିନ୍ଧିବାକୁ ଦିଆଯାଇଥିଲା। ଯେଉଁ ଲୋକମାନେ ସବୁଜ ରଙ୍ଗର ଚଷମା ପିନ୍ଧିଥିଲେ ସେମାନେ କମ୍ ଯନ୍ତ୍ରଣା ଅନୁଭବ କରିବା ସହ ପେନ୍‌କିଲର୍ ନେବା ଛାଡ଼ି ଦେଇଥିଲେ। ସବୁଜ ରଶ୍ମି ସ୍ନାୟୁଗୁଡ଼ିକଦ୍ୱାରା ଚକ୍ଷୁରୁ ମସ୍ତିଷ୍କ ପର୍ଯ୍ୟନ୍ତ ଯାଇଥାଏ। ଏହାଦ୍ୱାରା ଯନ୍ତ୍ରଣା ଉପଶମ ହୋଇଥାଏ। ଏଥିଯୋଗୁଁ ମାଇଗ୍ରେନ୍ ସମସ୍ୟା ୬୦% ହ୍ରାସ ପାଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଥିଲା।

# ମିରର ବିଚ୍

ଜାପାନ୍‌ର ମିଡୋୟୋ ସରହରସ୍ଥ ଚିଚିବୁଗାହାମା ବିଚ୍ ହେଉଛି ଏକ ଲୋକପ୍ରିୟ ସ୍ଥାନ। ଲୋକଲୋଚନଠାରୁ ଦୂରରେ ଥିବା ଏହି ସ୍ଥାନ ସୋସିଆଲ୍ ମିଡିଆ ପାଇଁ ଏକ ପର୍ଯ୍ୟଟନସ୍ଥଳୀ ହୋଇପାରିଛି। ୨୦୧୬ରେ ପର୍ଯ୍ୟଟନର ବିକାଶ ପାଇଁ ଏକ ଫଟୋସୁଟ୍ ହୋଇଥିଲା। ସେଥିରେ

ଚିଚିବୁଗାହାମା ବେଳାଭୂମିର ଜଳରେ ଦୁଇଟି ପିଲାଙ୍କ ପ୍ରତିଛବିର ଫଟୋ ଏତେ ସୁନ୍ଦରଭାବେ ଉଠାଯାଇଥିଲା ଯେ, ଲାଗୁଥିଲା ଯେମିତି ବେଳାରେ ଏକ ଦର୍ପଣ ରଖାଯାଇଛି। ଆକାଶ ସହିତ ପିଲାର ଅବିକଳ ଛବି ସେଇ ପାଣିରେ ପଡୁଥିବାର ଦେଖିବାକୁ ମିଳିଥିଲା। ସେବେଠାରୁ ଏହି ବେଳାଭୂମିର ନାମ ମିରର ବିଚ୍ ରଖାଗଲା। ଏହାପରେ ୱେବ୍‌ସାଇଟ୍‌ରେ ଚିଚିବୁଗାହାମା ବିଚ୍‌ରେ କି ଭଳି ସମାନ ପ୍ରତିଛବି ଫଟୋ ଉଠାଇ ହେବ ସେ ନେଇ ଟିପ୍ପଣୀ ଦିଆଗଲା। ତା' ସହ ସେଠାକାର ଜୁଆର ଆସିବା ଓ ସୂର୍ଯ୍ୟାସ୍ତ ହେବା ସମୟର ବିବରଣୀ ବି ଦିଆଗଲା। ସୋସିଆଲ୍ ମିଡିଆରୁ ଏ ବିଷୟରେ ଜାଣି ହଜାର ହଜାର ପର୍ଯ୍ୟଟକ ଏହି ମିରର ବିଚ୍‌କୁ ଆସିବାକୁ ଲାଗିଲେ।

# କନ୍ୟା ସନ୍ତାନର ଜନକ ହେଲେ ରାମଚରଣ, ଉପାସନା

ବାପା ହେଲେ ସାଉଥ ସୁପରଷ୍ଟାର ରାମ ଚରଣ। ପତ୍ନୀ ଉପାସନା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ହାଇଦ୍ରାବାଦ ସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ଏକ ବୁଲେଟିନ ଜାରି କରି ଏହି ସୂଚନା ଦିଆଯାଇଛି। ଉଭୟ ମା' ଓ ପିଲା ସୁସ୍ଥ ଥିବା ମେଡିକାଲ ପକ୍ଷରୁ କହୁଯାଇଛି। ଉଭୟଙ୍କର ଏହା ପ୍ରଥମ ସନ୍ତାନ। ବିବାହର ୧୧ ବର୍ଷ ପରେ ରାମଚରଣ ଓ ଉପାସନାଙ୍କ ଘରକୁ ଆସିଛନ୍ତି ଲକ୍ଷ୍ମୀ। ଯାହାପରେ ରାମ ଚରଣଙ୍କ ଘରେ ଆରମ୍ଭ ହୋଇଯାଇଛି ଉତ୍ସବ। ତେବେ ରାମଚରଣ ଏବଂ ଉପାସନାଙ୍କ କନ୍ୟା ସନ୍ତାନ ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅଭିନେତ୍ରୀ ରକୁଲପ୍ରୀତ ସିଂହ ଇନ୍ ?ଷ୍ଟା ଷ୍ଟୋରିରେ ରାମଚରଣ ଏବଂ ଉପାସନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହିତ ଅନେକ ଅଭିନେତା ଓ ଅଭିନେତ୍ରୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୨ ଜୁନ୍ ୧୪ରେ ସାଉଥ ସୁପରଷ୍ଟାର ରାମଚରଣ ଓ ଉପାସନା ବିବାହ କରିଥିଲେ।

# ମହା ଆଡମ୍ବରରେ ପାଳିତ ହେଲା ସୂର୍ଯ୍ୟ ଦେବଙ୍କ ପୂଜା ବିଧି

## ହୋମଯଜ୍ଞ ଏବଂ ବ୍ରାହ୍ମଣ ଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେଲା ଭକ୍ତିମୟ ପରିବେଶ

ବାରିପଦା,(ପି.ଏନ): ସକଳ ଶକ୍ତିର ଆଧାର ପ୍ରଭୁ ଶ୍ରୀ ସୂର୍ଯ୍ୟଦେବ। ସକାଳ ର ପ୍ରଥମ କୀରଣରୁ ହୋଇଥାଏ ପ୍ରଭୁ ସୂର୍ଯ୍ୟଦେବଙ୍କ ଦିବ୍ୟ ଦର୍ଶନ। ଓଡ଼ିଶାରେ ଏକମାତ୍ର ସୂର୍ଯ୍ୟ ପୂଜା ଯାହାକି ବାରିପଦା ବାଘଡ଼ା ରୋଡ ଠାରେ ଦୀର୍ଘ ୫୮ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ପବିତ୍ର ଶାମ୍ବ ଦଶମୀ ରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ସୂର୍ଯ୍ୟ ଦେବଙ୍କ ପୂଜା ବିଧି ଆଉ ପେଣ୍ଡେଲ ରେ ଶୋଭା ପାଉଛନ୍ତି ସୁନ୍ଦର ମୃଣ୍ମୟ ସୂର୍ଯ୍ୟଦେବଙ୍କ ମୂର୍ତ୍ତି। ଆଜି ବୁଢାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ସୂର୍ଯ୍ୟ ଦେବଙ୍କ ଘଟ କୁ ଅଣାଯାଇଥିଲା। ଢୋଲ ମାଦଳ ବଜାଇ ମହିଳା ଓ ପୁରୁଷ ମାନେ ଅତି ସୁନ୍ଦର ନୃତ୍ୟ ପରିବେଷଣ କରିବା ସହ, ସଂକୀର୍ତ୍ତନ ମଣ୍ଡଳିଙ୍କ କୀର୍ତ୍ତନର ଗୁଞ୍ଜରିତ ହେଉଥିବା ବାରିପଦା ସହର କେବଳ ଏତିକି ନୁହେଁ ଆଦିବାସୀ ମହିଳା ସମ୍ପ୍ରଦାୟରେ ଲୋକେ ମୁଣ୍ଡରେ କଳସ ଧରି ଅତି ସୁନ୍ଦର ପାରମ୍ପରିକ ନାଚ ଗିତ କରିବା ସହ କମିଟି ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଏହି ଘଟ ଯାତ୍ରାରେ ସାମିଲ ହୋଇଥିଲେ। କୁହାଯାଏ ଶାମ୍ବ ଦଶମୀ ଅବସରରେ ଭଗବାନ ସୂର୍ଯ୍ୟ ଦେବତା ଧରା ପୃଷ୍ଠରେ ଅବତରଣ କରି ଭକ୍ତ ଙ୍କୁ ଦର୍ଶନ ଦେଇଥାନ୍ତି। ଶ୍ରଦ୍ଧାଳୁ ପରିବାରର ସୁଖ ଶାନ୍ତି ଓ ସମୃଦ୍ଧି ପାଇଁ କାମନା କରିଥାନ୍ତି। ଖାସ କରି ବାରିପଦା ସହରବାସୀ ଏହିଦିନ ଟିକୁ ସୂର୍ଯ୍ୟଙ୍କର କୃପା ପାଇବାକୁ ଚାହିଁବସିଥାନ୍ତି। ସୂର୍ଯ୍ୟଦେବ ଦେବତାଙ୍କ ରଥାରୁଢ ପ୍ରତିମୂର୍ତ୍ତିକୁ ଶାମ୍ବଦଶମୀ ଅବସରରେ ପୂଜା କଲେ ପୁଣ୍ୟ ମିଳିବ ସହ ବହୁ ରୋଗ ର ଆରାଗ୍ୟ ହୋଇଥାଏ ବୋଲି ପ୍ରକାଶ କରିଛନ୍ତି ଭକ୍ତ। ରଥାରୂଢ଼ ସୂର୍ଯ୍ୟ ଦେବତାଙ୍କ ପୂଜା ବାରିପଦାର ଏକମାତ୍ର ପୂଜା ହୋଇଥିବା ବେଳେ ଏହା ଓଡିଶାର ଏକମାତ୍ର ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ସୂର୍ଯ୍ୟ ନାରାୟଣଙ୍କ ଅତି ସୁନ୍ଦର ମୃଣ୍ମୟ ମୂର୍ତ୍ତି ଦେଖି ମନରେ ଏକ ଅନ୍ୟାନ୍ୟ ଅନୁଭୂତି ଆସିଥାଏ। ପ୍ରତିଥର ଶାମ୍ବ ଦଶମୀରେ ସୂର୍ଯ୍ୟଦେବ ଧରାପୃଷ୍ଠକୁ ଅବତରଣ କରିଥାନ୍ତି। ପ୍ରତ୍ୟକ୍ଷ ଦେବତା ରୂପେ ପୂଜା ପାଉଥିବା ପ୍ରଭୁ ଧରାପୃଷ୍ଠକୁ ଆସି ନିଜ ଭକ୍ତଙ୍କ ଗହଣରେ ରୁହନ୍ତି। ଏନେଇ ଭଗବାନଙ୍କ ସ୍ୱତନ୍ତ୍ର ରୂପେ ପୂଜା ଅର୍ଚ୍ଚନା କରାଯାଏ। ବାରିପଦା ବାଘରାରୋଡରେ ଏହି ସୂର୍ଯ୍ୟପୂଜା ଦୀର୍ଘ ୫୮ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟିର ସଦସ୍ୟ ମାନଙ୍କ ପରିଶ୍ରମ ପାଇଁ ଚଳିତ ବର୍ଷ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ରଙ୍ଗବେ ରଙ୍ଗର ତୋରଣରେ ଝଲସୁଛି ବାଘଡା ରୋଡ଼ ଅଞ୍ଚଳ। ଘଟ ପରିକ୍ରମା ସମୟାରେ ପୂର୍ବତନ ଓଡିଶା କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ବିଜେପି ପ୍ରବକ୍ତା କବିବିଷ୍ଣୁ ଶତପଥୀ, ପୂର୍ବତନ ବିଧାୟକ ରାଜ କିଶୋର ଦାସ, ପ୍ରିତିନନ୍ଦା କାନୁନଗୋ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଓଡିଶାର ଏକ ଅନନ୍ତ ସୂର୍ଯ୍ୟପୂଜା କାରଣ ଓଡ଼ିଶାରେ କେବଳ ଏକ ମାତ୍ର ସ୍ଥାନରେ ସୂର୍ଯ୍ୟ ଦେବତାଙ୍କୁ ସାତଟି ଘୋଡା ସାରଥୀଙ୍କ ସହ ଶୋଭା ପାଇଥାନ୍ତି ସୂର୍ଯ୍ୟ ଦେବତା। ସୂର୍ଯ୍ୟ ଦେବଙ୍କ ସୁନ୍ଦର ପ୍ରତିମା ରଥାରୂଢ଼ ଦୃଶ୍ୟ ଦେଖିଲେ ମନରେ ଅଶେଷ ଶାନ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁ। ଉପସ୍ଥିତ ଶ୍ରଦ୍ଧାଳୁ ଙ୍କୁ କମିଟି ପକ୍ଷରୁ ଖିରୀ ପୁରି ବଣ୍ଟନ କରା ଯାଇଥିଲା। ହୋମ ଯଜ୍ଞ ଓ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ସହ ଧୂପ ଦୀପର ମହକରେ ସମଗ୍ର ଅଞ୍ଚଳକୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂଜା କମିଟିର ସଦସ୍ୟ ସନତ କୁମାର ପ୍ରହରାଜ, ମାନସ ରଞ୍ଜନ ସାହୁ, ଶୋଭନ ଦାସ, ସ୍ନେହାଶିଷ ମହାନ୍ତି, ଅଭିଷେକ ଦାଶ, ଆକାଶ ନନ୍ଦ,ବିଜୟ କୁମାର ବେହେରା, ଶୁଭକାନ୍ତ ମିଶ୍ର, ଲକି ଜେନା, ବିକ୍ରମ କେଶରୀ ଜେନା, ମାନସ ସେଠୀ(କୁଆଁ), ଶୁଭକାନ୍ତ ମିଶ୍ର, ଓହିଦ ଖାନ, ମୋନଜ ସେଣ୍ଠ, କିଶୋର ସାହୁ, ସତ୍ୟଜିତ ମହାନ୍ତି, ସୁନିଲ କର୍ମକାର, ସମୀର ଦାସ ଓ ସମସ୍ତେ ସଦସ୍ୟ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ବଡସାହି ଠାରେ ଦେଶୀମଦ କାରଖାନା ଉପରେ ଚଢାଉ, ବିପୁଳ ମହୁଲପୋଚ ନଷ୍ଟ

ବେତନଟୀ,(ପି.ଏନ): ବଡ଼ସାହି ଥାନା ଅଧୀନ ତେନ୍ତୁଳି ଗାଁ ଉପକଣ୍ଠ ଆଦିଡିହା ଗ୍ରାମରେ ଚୋରା ଦେଶିମଦ କାରଖାନା ଉପରେ ଚଢ଼ାଉକରୀ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଜବତକରି ନଷ୍ଟ କରାଯିବା ଘଟଣାରେ ଚମ୍ପଟ ମାରିଥିବା ଅଭିଯୁକ୍ତକୁ ଗିରଫକରି ଅପରାହ୍ନରେ ବେତନଟୀ ଜେଏମ ଏଫସି କୋର୍ଟରେ ହାଜର କରାଯାଇଛି କ୍ଷ ଗିରଫ ଅଭିଯୁକ୍ତ ଜଣକ ହେଉଛି ଆଦିଡିହା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାର ପୁଅ ଗଦାଧର ଜେନା କ୍ଷ ଏହି ମାମଲାରେ ଗିରଫ ଅଭିଯୁକ୍ତ ଗଦାଧର ଜେନାର ପୁଅ ଫେରାର ହେବାରେ ସକ୍ଷମ ହୋଇଛି କ୍ଷ ସୂଚନା ମୁତାବକ ଗଦାଧର ଚୋରା ଦେଶିମଦ କାରଖାନା ଚଳାଉଥିବାର ଖବର ପାଇ ମୋବାଇଲ ଟିମ ଇନ୍‌ସପେକ୍ଟର ଶ୍ରୀଧର ମହାନ୍ତି ସଦଳବଳେ ଚଢ଼ାଉ କରିଥିଲେ କ୍ଷ ଚଢ଼ାଉ ସମୟରେ ବାପ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା କ୍ଷ ସେଠାରେ ଅବକାରୀ ବିଭାଗର ଟିମ ଚୋରା ଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୬ଶହ ଲିଟର ରନ୍ଧାମଦ ସମେତ ୨ହଜାର କିଲୋ ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତକରି ନଷ୍ଟ କରାଯାଇଥିଲା କ୍ଷ ତେବେ ଫେରାର ଗଦାଧରକୁ ଗିରଫକରି ସ୍ୱାସ୍ଥ୍ୟପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା କ୍ଷ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ଚୋରା କାଠ ବୋଝେଇ ପିକଅପ ଜବତ

ବେତନଟୀ,(ପି.ଏନ):
ବେତନଟୀ ଡାକ୍ତରଖାନା ଛକ ୧୮ନଂ ଜାତୀୟ ରାଜପଥରେ ଚଢାଉକରି ଏକ ଚୋରା କାଠବୋଝେଇ ପିକଅପ ଭ୍ୟାନକୁ ଜବତକରି ଗୁରୁବାର ଅପରାହ୍ନ ଗୋଟାଏରେ ରେଞ୍ଜ କାର୍ଯ୍ୟାଳୟକୁ ଆଣିଲା ବନବିଭାଗ କ୍ଷ ସୂଚନା ମୁତାବକ ଚୋରାକାଠ ଚାଲାଣ ନେଇ ଖବର ପାଇବାପରେ ବେତନଟୀ ବନବିଭାଗ ପକ୍ଷରୁ ୧୮ନଂ ଜାତୀୟରାଜପଥ ବେତନଟୀ ଡାକ୍ତରଖାନା ଛକରେ ଚଢାଉକରିଥିଲେ କ୍ଷ ବନ ବିଭାଗର ଟିମକୁ ଦେଖି ଚାଳକ ଜଣକ ରାସ୍ତାରେ ଗାଡିଛାଡି ଦେଇ ଚମ୍ପଟ ମାରିଥିଲା କ୍ଷ ଘଟଣାସ୍ଥଳରୁ କାର୍ତ୍ତିକ ଚନ୍ଦ୍ର ବେହେରା ନାମରେ ପଞ୍ଜିକୃତ ଓଆର -୦୧ଏମ -୯୩୬୧ନମ୍ବର ବିଶିଷ୍ଟ ଚୋରା କାଠ ବୋଝେଇ ପିକଅପ ଭ୍ୟାନକୁ ଜବତକରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ କ୍ଷ ଜବତ ପିକଅପ ଭ୍ୟାନରେ ବିଭିନ୍ନ ମୋଟେଇର ଅର୍ଜୁନ କାଠଗଣ୍ଡି ବୋଝେଇ ହୋଇ ରହିଥିବାର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସାମାଜିକ ସେବା ପାଇଁ ଡ଼କ୍ଟର ବୋଡ଼େପୁ ରବିଙ୍କୁ ୨୦୨୫ ସମ୍ମାନିତ

ରାୟଗଡ଼ା ,(ପି.ଏନ): ସାମାଜିକ ସେବା ପାଇଁ ରାୟଗଡା ଜିଲ୍ଲାର ରାମନାଗୁଡ଼ା ବ୍ଲକ ଗୁମୁଡା ଲକ୍ଷ୍ମୀପୁର ଗ୍ରାମର ଡକ୍ଟର ବୋଡ଼େପୁ ରବିଙ୍କୁ ୨୦୨୫ ମାନବ ଅଧିକାର ନୋବେଲ ପିସ ଆୱାର୍ଡ ସମ୍ମାନିତ। ଅନ୍ତର୍ଜାତୀୟ ମାନବ ଅଧିକାର ପ୍ରୋଟେକ୍ସନ କାଉନସିଲ ଆନୁକୂଲ୍ୟରେ ଗୀତ ଗୋବିନ୍ଦ ସଦନ, ଜୟ ଦେବ ଭବନ, ଭୁବନେଶ୍ୱର ଠାରେ ମାନବ ଅଧିକାର ନୋବେଲ ପିସ ଆୱାର୍ଡ ୨୦୨୫ ପାଇଁ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ଅନେକ ରାଜ୍ୟରୁ ଆସିଥିବା ଅନେକ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ସମ୍ମାନିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଓଡ଼ିଶାର ରାୟାଗଡା ଜିଲ୍ଲା ଡକ୍ଟର ବୋଡ଼େପୁ ରବି ଙ୍କୁ ସାମାଜିକ ସେବା ପାଇଁ ମାନବ ଅଧିକାର ନୋବେଲ ପିସ ଆୱାର୍ଡ ୨୦୨୫ ପାଇଁ ସଭା ଉପାଧ୍ ରେ ସମ୍ମାନିତ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଶ୍ରୀ ସଂଜୀବ ମାରିକ , ମୁଖ୍ୟ ବକ୍ତା ଉମା ଚରଣ ମିଶ୍ର, ବିଶିଷ୍ଟ ଅତିଥି ଡ. ଆଲୋକ କୁମାର ବୋଷ ପ୍ରତିଷ୍ଠାତା ଓ ଅଧକ୍ଷ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲ ସମ୍ମାନନୀୟ ଅତିଥି ମନୋଜ କୁମାର ପାଣି, ରାଜ୍ୟ ସଂଯୋଜକ,ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲଙ୍କ ଉପସ୍ଥିତ ରହିଥିବା ବେଳେ ଡଃ .ବୋଡ଼େପୁ ରବି ଅନେକ ରାଜ୍ୟରେ ଅନେକ ଥର ସମାଜ ସେବା ପାଇଁ ଅନେକ ଉପାଧିରେ ସମ୍ମାନିତ ହୋଇଛନ୍ତି ସେବା କରିବାର ମନବଳ ଦୃଢ କରି ଏକ ସେବା କୁ ନିଜର କର୍ତ୍ତବ୍ୟ ଭାବି ଶିଶୁ ଓ ମାଙ୍କ ସ୍ୱାସ୍ଥ୍ୟ ସେବା ସହ ଅନେକ ସମସ୍ୟା ରେ ଥିବା ବ୍ୟକ୍ତି ବିଶେଷ ଙ୍କୁ ସେବା ଯୋଗାଇବା ଓ ଉନ୍ନତ କରିବା ପ୍ରୟାସ ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଥିବା ପାଇଁ ଭୁବନେଶ୍ୱର ର ଜୟଦେବ ଭବନ ର ଗୀତଗୋବିନ୍ଦ ସଦନ ଠାରେ ଡଃ.ବାଡେପୁ ରବି ଙ୍କୁ ସାମାଜିକ ସେବା ପାଇଁ ସମାଜ ସେବା ପାଇଁ ସମ୍ମାନିତ ହୋଇଥିବାରୁ ବୁଦ୍ଧି ଜିବି ମହଲରେ ପ୍ରଶଂସା ସୁଅ ଛୁଟିଛି ।

# ଏନ. ଟି. ପି. ସି.-ତାଳଚେର ଥର୍ମାଲ ର ନୂତନ (୬୬୦×୨) ମେଗା ୱାଟ ପ୍ରଥମ ୟୁନିଟ ସେପ୍ଟେମ୍ବର ୨୦୨୭ରେ ଉତ୍ପାଦନ ଆରମ୍ଭ କରିବ

ତାଳଚେର,(ପି.ଏନ):ଏନ. ଟି. ପି. ସି ତାଳଚେର ଥର୍ମାଲ ରେ ନୂତନ ଭାବେ ପ୍ରତିଷ୍ଠା ହେଉଥିବା (୬୬୦୨)ମେଗା ୱାଟ ଶକ୍ତି ପ୍ରକଳ୍ପ ର ପ୍ରଥମ ୟୁନିଟ ଆସନ୍ତା ସେପ୍ଟେମ୍ବର ୨୦୨୭ରେ କାର୍ଯ୍ୟକ୍ଷମ ହେବ ଏବଂ ଦ୍ୱିତୀୟ ୟୁନିଟ ଡିସେମ୍ବର ୨୦୨୭ରେ ଉତ୍ପାଦନ ଆରମ୍ଭ କରିବ। ଆଜି ଏକ ସାମ୍ବାଦିକ ସଂମ୍ମିଳନୀ ରେ ଏ ବିଷୟ ପ୍ରକାଶ କରିଛନ୍ତି, ପ୍ରକଳ୍ପ ମୁଖ୍ୟ ଶ୍ରୀ ବିଜୟ ଚାନ୍ଦ. ପ୍ରକଳ୍ପ ର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ଏବଂ ଆମେ ଦୃଢ ନିଶ୍ଚିତ ଯେ ଏନ. ଟି. ପି. ସି. ଏଥିରେ ସଫଳ ହେବ. ଶକ୍ତି ଉତ୍ପାଦନ ବ୍ୟତୀତ, ପରିବେଶ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିପାର୍ଶୀକ ଗ୍ରାମାଞ୍ଚଳ ର ଉର୍ନ୍ନତି ଏହା ସହ ଜଡିତ. ଏହି ପ୍ରକଳ୍ପ ରୁ ଉତ୍ପାଦିତ ଶକ୍ତି ର ୫୦% ଓଡିଶା ରାଜ୍ୟ ଓ ଅନ୍ୟ ରାଜ୍ୟ ଗୁଜୁରାଟ, ଆସାମ ଓ ତାମିଲନାଡୁ ପ୍ରଭୃତି ବଳକା ଶକ୍ତି ନେବେ. ପରିବେଶ ସୁରକ୍ଷା ନିମିତ୍ତ ୯୦,୦୦୦ବୃକ୍ଷ ରୋପଣ କରାଯିବାର ସ୍ଥିର ହୋଇଛିଯାହା ରାଜ୍ୟ ବନ ନିଗମ ଦ୍ୱାରା କରାଯିବ. ସ୍ଥାନୀୟ ଯୁବାବର୍ଗ ଙ୍କୁ କର୍ମ ନିଯୁକ୍ତି ର ଅପାର ସୁଯୋଗ ସୃଷ୍ଟି କରାଯାଉଛି. ଏନ. ଟି. ପି. ସି. ସର୍ବଦା ନିଜ ଲକ୍ଷ୍ୟ ରେ ଅଟଳ ଓ ସାମାଜିକ ବକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ଶ୍ରୀ ଚାନ୍ଦ ପ୍ରକାଶ କରିଥିଲେ. ଏହି ପ୍ରକଳ୍ପ ଅତ୍ୟନ୍ତ ଉଚ୍ଚ ମାନଙ୍କ ଓ ଏଥିରେ ପ୍ରଦୂଷଣ ଶୂନ୍ୟ ଅଟେ. ଓଡିଶା ପାଇଁ ଏହା ଏକ ନୂଆ ମାଇଲ ଖୁଣ୍ଟ ସୃଷ୍ଟି କରିବ ଏବଂ ଦେଶ ପାଇଁ ଶିଳ୍ପ ପ୍ରଗତି ର ନୂଆ ସୂଚକାଙ୍କ ବୋଲି ଶ୍ରୀ ବିଜୟ ଚାନ୍ଦ ପ୍ରକାଶ କରଛନ୍ତି.

# ଇଡ଼କୋ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ଆଦିବାସୀ ମେଳା-୨୦୨୫ ଏବେ ଜମୁଛି

ଭୁବନେଶ୍ୱର ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ଆଦିବାସୀ ମେଳା-୨୦୨୫ର ଶୁଭ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବା ସହ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରିଛନ୍ତି। ମୋଟ ୧ ଲକ୍ଷ ୬୦ ହଜାର ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରୀଙ୍କୁ ମୋଟ ୮୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି, ଯାହାକି ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ଡ୍ରପ୍ ଆଉଟ ହାର ହ୍ରାସ କରିବାରେ ସହାୟକ ହେବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ସମ୍ପ୍ରଦାୟ ନିଜର କଳା, ସଂସ୍କୃତି ଏବଂ ପରମ୍ପରାକୁ ଏହି ଆଦିବାସୀ ମେଳାରେ ପ୍ରଦର୍ଶିତ କରିଥାନ୍ତି। ଆଦିବାସୀ ହେଲେ ଆମ ମାଟିର ଅସ୍ମିତା, ସେମାନଙ୍କ ଚଳଣିକୁ ଆପଣାଇବା ଆମ ସରକାରଙ୍କ ପ୍ରାଥମିକତା ଏବଂ ଦାୟିତ୍ୱ। ଏହି ଅବସରରେ ସାହିତ୍ୟ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରି ମୁଖ୍ୟମନ୍ତ୍ରୀ ଗର୍ବ ଅନୁଭବ କରୁଛନ୍ତି । 'ପ୍ରବାସୀ ଭାରତୀୟ ଦିବସ' ପାଳନ କରିବାକୁ ଯାଉଛନ୍ତି। ତେଣୁ ଏହି ଅବସରରେ ରାଜ୍ୟର ଆଦିବାସୀ ସଂସ୍କୃତିର ସୁନ୍ଦରତା ଏବଂ ଜନଜାତିଙ୍କ କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏହା ହେଉଛି ଏକ ସୁବର୍ଣ୍ଣ ସୁଯୋଗ, ତେଣୁ ଚଳିତ ବର୍ଷ ଆଦିବାସୀ ମେଳାକୁ ଆଗୁଆ ଆରମ୍ଭ କରାଯାଇଛି। ଯଦ୍ୱାରା ଆମ ସଂସ୍କୃତି ଏବଂ ପରମ୍ପରା ସମଗ୍ର ବିଶ୍ୱରେ ଆଦର ଲାଭ କରିବ। ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ମାନଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ। ଆଦିବାସୀ ମାନଙ୍କ ଐତିହାସିକ ବୀର, ବୀରାଙ୍ଗନା ମାନଙ୍କୁ ପ୍ରଧାନମନ୍ତ୍ରୀ ଇତିହାସର ହଜିଲା ପୃଷ୍ଠାରୁ ଆଣି ସେମାନଙ୍କ ଉଜ୍ଜ୍ୱଳ ଛବିକୁ ପୁଣି ଲୋକଙ୍କ ସାମ୍ନାକୁ ଆଣିଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରିବା ଏହାର ଏକ ପ୍ରକୃଷ୍ଟ ଉଦାହରଣ। ରାଜ୍ୟ ସରକାର ମଧ ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଅନେକ ଅଜଣା ନାୟକଙ୍କୁ ଲୋକଲୋଚନକୁ ଆଣି ଯଥୋଚିତ ସମ୍ମାନ ଦେଉଛନ୍ତି।

# ଟାଉନ ନୋଡାଲ ଉପ୍ରା ବିଦ୍ୟାଳୟ ପୁରାତନ ଛାତ୍ର ମାନଙ୍କର ବନ୍ଧୁ ମିଳନ

ତାଳଚେର,(ପି.ଏନ): ତାଳଚେର ଟାଉନ ଏମ, ଇ,ସ୍କୁଲ ର ଛାତ୍ର ଛାତ୍ରୀ ମାନେ ତାଳଚେର ଗଡଜାତ ର ଅନ୍ୟଏକ ଐତିହ ,ତଥା କିମ୍ବଦନ୍ତୀ ସ୍ଥଳ ଫୋଟଲାଣ୍ଡ ପୁର ରାଜପ୍ରସାଦ ରେ ଅନେକ ସ୍ମୃତି କୁ ଉଜ୍ଜୀବିତ କରିଥିଲେ ସମସ୍ତ ଛାତ୍ର ଛାତ୍ରୀ ମାନେ,ପ୍ରଥମେ ତାଳଚେର ଗଡ ର ଆରାଧ୍ୟା ମା ହିଙ୍ଗୁଳାଙ୍କ ପ୍ରଣାମ ଜଣାଇ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା ,ସମସ୍ତ ବନ୍ଧୁ ମାନଙ୍କୁ ଚଳିତ ବର୍ଷ ନୂତନ ଭାବରେ ଯୋଗ ଦେଇଥିବା ବନ୍ଧୁ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ପରିଚୟ ପ୍ରଦାନ କରାଯାଇଥିଲା,ଏହି ଅବସରରେ ପିଲାଦିନର ସ୍ମୃତି କୁ ସମସ୍ତେ ମନେ ପକାଇବା ସହିତ ,ଶିକ୍ଷାଦାନ କରିଥିବା ସମସ୍ତ ଗୁରୁଙ୍କୁ ମନେ ପକାଇ ଭବବିହ୍ୱଳିତ ହୋଇ ପଡ଼ିଥିଲେ,ଆଗାମୀ ବର୍ଷ ଏହି ବନ୍ଧୁ ମିଳନ ବହୁ ଆଡମ୍ବର ସହକାରେ କରିବାକୁ ସମସ୍ତେ ପ୍ରସ୍ତାବ ଦେଇଥିଲେ,ଗତ ଦୁଇ ବର୍ଷ ଧରି ଏହି ବନ୍ଧୁମିଳନ କୁ ଉତ୍ସାହୀ ଛାତ୍ର ଛାତ୍ରୀ ଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟା ରେ ଏହି କାର୍ଯ୍ୟକ୍ରମ ନିଜ ନିଜ ପରିବାର ଙ୍କ ସହ ହର୍ଷ ଉଲ୍ଲାସ ର ସହ ହେଉଥିବାରୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ, ଶେଷରେ ନୈଶ୍ୟ ଭୋଜିର ଆନନ୍ଦ ଉଠାଇଥିଲେ ପୁରୁଣା ବର୍ଷ କୁ ବିଦାୟ ଦେଇଥିଲେ ।

# ଦୀର୍ଘଦିନର ଦାବୀ ପୂରଣ ହୋଇଛି ,ବିଷମକଟକ ଠାରେ କୋର୍ଟ ଉଦ୍‌ଘାଟନ

ରାୟଗଡ଼ା,(ପି.ଏନ): ରାୟଗଡା ଜିଲ୍ଲା ବିଷମକଟକ ଠାରେ ବିଷମକଟକ, ମୁନିଗୁଡ଼ା ଓ ଚନ୍ଦ୍ରପୁର ତିନୋଟି ବ୍ଲକର ଅନେକ ଦିନ ହେବ ଦାବି କରିଆସୁଥିଲେ। ଜନସାଧାରଣଙ୍କ ଦାବି ବିଷମକଟକ ବାର ଆସୋସିଏସନ ଦୀର୍ଘଦିନର ଦାବୀ ଅତିରିକ୍ତ ଦୌରାଜଜ୍ ସ୍ଥାପନ ପାଇଁ ପୂରଣ ହୋଇଛି । ଜନସାଧାରଣଙ୍କ ଦାବୀ ବିଷମକଟକ ଠାରେ କୋର୍ଟ ଉଦ୍‌ଘାଟନର ସଫଳତା ହାସଲ କରିଛି । ଏହି ଅବସରରେ ଆଜି ବିଷମକଟକ ବାର ଆସୋସିଏସନ ପକ୍ଷରୁ ଆୟୋଜିତ କରାଯାଇଥିଲା। ବିଷମକଟକ କୋର୍ଟ ପରିସରରେ ନୂତନ ଅତିରିକ୍ତ ଦୌରାଜଜ୍ କୋର୍ଟ ଉଦ୍ଘାଟନ ଉତ୍ସବରେ ମାନ୍ୟବର ଓଡିଶା ଉଚ୍ଚନ୍ୟାୟଳୟର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ଚକ୍ରଧାରୀ ଶରଣ ସିଂଙ୍କ କରକମଳରେ ଭିଡିଓ କନଫରେନ୍ସ ଦ୍ୱାରା ଏହି ନୂତନ କୋର




ଭୁବନେଶ୍ୱର, ୨୦୨୫, ଅପ୍ରେଲ ୫

## ପବିତ୍ର ରାମ ନବମୀ ଓ ରାମାୟଣର କେତୋଟି ଅଜଣା କଥା

ଡକ୍ଟର ତପନ କୁମାର ପାଳ

ଚୈତ୍ର ଶୁକ୍ଳ ନବମୀ ତିଥି ରାମ ନବମୀ ରୂପେ ପରିଚିତ। ଏହି ଦିନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ପବିତ୍ର ଜନ୍ମୋତ୍ସବ। ଅଧର୍ମର ମୂଲୋତ୍ପାଟନ, ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିବାକୁ ଶ୍ରୀବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ଧରାବତରଣ କରିଥିଲେ। ପ୍ରାପ୍ତ ବୟସରେ ମିଥିଳା ନରେଶ ଜନକଙ୍କ ଦୁହିତା ଦେବୀ ସୀତାଙ୍କ ସହିତ ତାଙ୍କ ବିବାହ ବିଧି ସମ୍ପନ୍ନ ହୋଇଥିଲା। ପିତୃସତ୍ୟ ପାଳନ କରି ରାଜସୁଖ ପରିହାର ପୂର୍ବକ ଦେବୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହ ପ୍ରଭୁ ଚଉଦ ବର୍ଷ ବନବାସ ଯାଇଥିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଅପହରଣ କରିନେଲା। ରାବଣ ସମେତ ସମସ୍ତ ରାକ୍ଷସଙ୍କୁ ନିଧନ କରିଥିଲେ ପ୍ରଭୁ। ବନବାସ ପରେ ତାଙ୍କୁ ରାଜସିଂହାସନରେ ଅଭିସିକ୍ତ କରାଗଲା। ପ୍ରଜାକୂଳକୁ ସମ୍ମାନ ଦେବାକୁ ଦେବୀ ସୀତା ଅଗ୍ନି ପରୀକ୍ଷା ଦେଇଥିଲେ ମଧ୍ୟ ପ୍ରଭୁ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ। ପ୍ରଭୁ ତାଙ୍କ ଅବତାରରେ ସମ୍ପୂର୍ଣ୍ଣ ମାନବ ଜୀବନଯାପନ କରିଥିଲେ। ମଧ୍ୟାହ୍ନରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ନୀତି ଶେଷ ହେବାପରେ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ଦୁଇଜଣ ମହାଜନ ସେବକ ଦଶରଥ ଓ କୌଶଲ୍ୟା ହୋଇ ଜନ୍ମବିଧି ପାଳନ କରିଥାନ୍ତି। ଗୃପ୍ତନୀତି କେହି ନଦେଖିବା ପାଇଁ ଗର୍ଭଗୃହରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରିଦିଆଯାଏ। ମହର୍ଷି ବାଲ୍ମିକୀ ରାମାୟଣ ମହାକାବ୍ୟର ରଚନା କରିଥିଲେ । ଏଥିରେ ୨୪ ହଜାର ଶ୍ଲୋକ, ୫ ଶହ ଉପଖଣ୍ଡ ଏବଂ ଉତ୍ତର ସହିତ ୭ଟି କାଣ୍ଡ ରହିଛି । ତୁଳସୀ ଦାସଙ୍କ ରାମାୟଣରେ ସୀତାଙ୍କ ସ୍ୱୟମ୍ବର ବିଷୟରେ ଉଲ୍ଲେଖ ରହିଛି, ମାତ୍ର ବାଲ୍ମିକୀ ରାମାୟଣରେ ଏହା ଦେଖିବାକୁ ମିଳେ ନାହିଁ । ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଶ୍ରୀରାମ, ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ର ମିଥିଳା ଯାଇ ରାଜା ଜନକଙ୍କୁ ଶିବ ଧନୁ ଦେଖାଇବାକୁ କହିଥିଲେ । ରାମ ଶିବ ଧନୁ ଉଠାଇ ସେଥିରେ ପ୍ରତ୍ୟ । ବାନ୍ଧିବାକୁ ଉଦ୍ୟମ କରିବା ସମୟରେ ତାହା ଭାଙ୍ଗିଯାଇଥିଲା । ପୂର୍ବରୁ ରାଜା ଜନକ ଶପଥ କରିଥିଲେ ଯିଏ ଶିବଧନୁ ଉଠାଇବେ, ତାଙ୍କ ସହ ମାତା ସୀତାଙ୍କୁ ବାହା କରାଇବେ । ସେହି ଅନୁଯାୟୀ ରାମ-ସୀତାଙ୍କ ବିବାହ ହୋଇଥିଲା । ବନବାସ ଯିବା ସମୟରେ ଭଗବାନ ରାମଚନ୍ଦ୍ରଙ୍କୁ ୨୭ ବର୍ଷ ହୋଇଥିଲା । ଭରତଙ୍କୁ ପିତା ଦଶରଥଙ୍କ ମୃତ୍ୟୁର ଆଭାସ ମିଳିସାରିଥିଲା । ଜଟାୟୁର ପିତା ଥିଲେ ଅରୁଣ । ଅରୁଣ ସୂର୍ଯ୍ୟଙ୍କ ରଥର ସାରଥୀ ଥିଲେ ।

ରାବଣ ମାତା ସୀତାଙ୍କୁ ଅପହରଣ କରିବା ଦିନ ବୃହ୍ମଦେବଙ୍କ ଆଜ୍ଞାକ୍ରମେ ଇନ୍ଦ୍ର ଦେବ କ୍ଷୀର ନେଇ ମାତା ସୀତାଙ୍କୁ ଖାଇବାକୁ ଦେଇଥିଲେ, ଯଦ୍ୱାରା ମାତାଙ୍କ କ୍ଷୁଧା ତୃପ୍ତ ହୋଇଥିଲା । ସେତୁବନ୍ଧନ ପାଇଁ ୫ଦିନ ଲାଗିଥିଲା । ସେତୁର ଦୂରତା ୧୦ ଯୋଜନ (୧୩ରୁ ୧୬ କି.ମି.) ଥିଲା । ଲକ୍ଷ୍ମଣ ରାବଣର ଭଉଣୀ ସୂପର୍ଣ୍ଣଖାର ନାମ କାଟି ଦେଇଥିବାରୁ ରାବଣ ସୀତାଙ୍କୁ ହରଣ କରିଥିଲା । ତେବେ ସୂପର୍ଣ୍ଣଖା ହିଁ ରାବଣକୁ ସର୍ବନାଶ ଅଭିଶାପ ଦେଇଥିଲା । ସୂପର୍ଣ୍ଣଖାର ପତି ଥିଲା ବିଦ୍ୟୁତ୍‌ଜିହ୍ୱା । ସେ କାଳକେୟ ରାକ୍ଷସର ସେନାପତି ଥିଲା । ବିଶ୍ୱ ବିଜୟ ପାଇଁ ବାହାରିଥିବା ରାବଣ ହାତରେ ବିଦ୍ୟୁତ୍‌ଜିହ୍ୱାର ପ୍ରାଣ ଯାଇଥିଲା । ଏଥିରେ କ୍ରୋଧିତ ହୋଇ ସୂପର୍ଣ୍ଣଖା ରାବଣକୁ ଅଭିଶାପ ଦେଇଥିଲା । ଥରେ ପୁଷ୍ପକ ବିମାନରେ ଯାଉଥିବା ସମୟରେ ରାବଣ ବେଦବତୀ ନାମ୍ନୀ ଜଣେ ନାରୀଙ୍କୁ ଭେଟିଲା । ସେ ଭଗବାନ ବିଷ୍ଣୁଙ୍କପତି ରୂପେ ପ୍ରାପ୍ତ କରିବା ନିମନ୍ତେ ତପସ୍ୟା କରୁଥିଲେ । ରାବଣ ତାଙ୍କୁ ଅପହରଣ କରି ନେବାକୁ ଉଦ୍ୟମ କରିବାରୁ ବେଦବତୀ ଦେହତ୍ୟାଗ କଲେ । ସେ ରାବଣକୁ ଅଭିଶାପ ଦେଲେ, ଜଣେ ନାରୀ ପାଇଁ ତୋର ପ୍ରାଣ ଯିବ । ପରେ ବେଦବତୀ ହିଁ ଜନକପୁତ୍ରୀ ସୀତା ହୋଇ ଜନ୍ମ ନେଲେ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*

*ଦୂରଭାଷ : ୯୯୩୭୨୫୮୩୨୨*

## ରୁକୁଣା ଯାତ୍ରା ଓ ଏହାର କିମ୍ବଦନ୍ତୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଐତିହାସିକଙ୍କ ମତରେ ଏହି ଯାତ୍ରା ୧୦ତମ ଶତାବ୍ଦୀର। ତେବେ ପୌରାଣିକ ତଥ୍ୟ ଅନୁସାରେ ଏହା ଉପରେ କିଛି ନିର୍ଦ୍ଦିଷ୍ଟ ମତ ନାହିଁ। ଐତିହାସିକ ତଥା ଗବେଷକଙ୍କ ମତରେ ଶୈବକ୍ଷେତ୍ର ହେବା ପୂର୍ବରୁ ଏହା ବୌଦ୍ଧ ରଥଯାତ୍ରା ଥିଲା। ପରେ ଏହା ଶୈବ ରଥଯାତ୍ରା ହେଲା। ଏଥିପାଇଁ ଅନେକ ବିରୋଧ ମଧ୍ୟ ହୋଇଥିଲା। ପରେ ଗବେଷକମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କଲେ। କାଶୀରେ ଶୈବମାନଙ୍କ ଉପରେ ବୌଦ୍ଧମାନେ ଅତ୍ୟାଚାର କରିବାରୁ ସେମାନେ ଅନ୍ୟତ୍ର କାଶୀସ୍ୱରୂପ ଶୈବକ୍ଷେତ୍ର ପ୍ରତିଷ୍ଠା ସନ୍ଧାନରେ ଥିଲେ। ସେହି ସମୟରେ ଏଠାରେ ମଧ୍ୟ ବୌଦ୍ଧ ଥିଲେ। ଲକୁଳୀଶ ପନ୍ଥୀ ଶୈବମାନେ ଏଠାରେ ଆସି ଶୈବକ୍ଷେତ୍ର ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ। ଯାହାକୁ ସ୍ଥାନୀୟ ବୌଦ୍ଧମାନେ ପ୍ରତିରୋଧ କଲେ। ଏହାକୁ ନେଇ ଶୈବମାନଙ୍କ ସହ ତାଙ୍କର ବିବାଦ ଦେଖାଦେଲା। ଯାହା ପରବର୍ତ୍ତୀ ସମୟରେ ଯୁଦ୍ଧରେ ପରିଣତ ହୋଇଥିଲା। କାଶୀର ଅଶାନ୍ତ ବାତାବରଣରେ କ୍ଷୁବ୍ଧ ହୋଇ ଶିବ ଏକାମ୍ର କ୍ଷେତ୍ର ଚାଲି ଆସିଥିଲେ। ଏଠାରେ ଥିବା ଅସୁରମାନଙ୍କୁ ନିପାତ କଲେ। ସେହି ସମୟରେ ବେଦ ବରୋଧିଙ୍କୁ ଅଶୁର କୁହାଯାଉଥିଲା। ବୌଦ୍ଧମାନଙ୍କୁ ଏହା ସଙ୍କେତ କରୁଥିଲା। ଏହି ଯୁଦ୍ଧର ଫଳ ସ୍ୱରୂପ ଏଠାକାର ସମସ୍ତ ବୌଦ୍ଧଙ୍କୁ ନିପାତ ଓ ବିତାଡ଼ିତ କରାଗଲା। ଯେଉଁ ବୌଦ୍ଧମାନେ ବଶତା ସ୍ୱୀକାର କଲେ ସେମାନଙ୍କୁ ଅସ୍ପୃଶ୍ୟ ଓ ଶୂଦ୍ର ଭାବେ ସ୍ଥାନ ଦିଆଗଲା। ଅଶୋକାଷ୍ଟମୀର ଏହି ରଥଯାତ୍ରା ଏହି ବିଜୟର ସ୍ମାରକୀ ବୋଲି କିଛି ଆଲେଖ୍ୟ ସୂଚନା ଦେଇଛନ୍ତି ଗବେଷକ ଭାଗୀରଥି ମହାସୁଆର। ରାମେଶ୍ୱରମନ୍ଦିର ପାଖ ପଡ଼ିଆକୁ ବିଜୟ ପଡ଼ିଆ ବୋଲି କୁହାଯାଏ। ସେହିଦିନ ଠାରୁ ଏହି ରୁକୁଣାରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଶ୍ରୀଲିଙ୍ଗରାଜ ମନ୍ଦିରରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏହି ରଥ ଟଣାଯାଏ। ମଝି ରାସ୍ତାରେ ଅସୁର କିଆରିରେ ଅସୁରମାନଙ୍କୁ ଭୋଗ ଦିଆଯାଏ। ଏହା ରାସ୍ତା ଅବରୋଧକାରୀ ବୌଦ୍ଧ ମାନଙ୍କୁ ସନ୍ତୁଷ୍ଟୀକରଣ ପାଇଁ କରାଯାଇଥିବା ଅନୁମାନ କରାଯାଉଛି।

ମରୀଚିକୁଣ୍ଡର କାହାଣୀ : ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା କଥା ପଡ଼ିଲେ ମରୀଚିକୁଣ୍ଡ କଥା ଆସେ। କାରଣ ଏହି କୁଣ୍ଡ ପାଣିରେ ରଥର ଅନୁକୂଜ କରାଯାଏ। ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇବା ଦ୍ୱାରା ନିଃସନ୍ତାନ ନଥିବା ମହିଳାମାନେ ସନ୍ତାନପ୍ରାପ୍ତି ହୁଅନ୍ତି। ମୁକ୍ତେଶ୍ୱର ମନ୍ଦିର ଭିତରେ ଏହି କୁଣ୍ଡ ରହିଛି। ଯାହା ରଥଯାତ୍ରା ପୂର୍ବଦିନ ମଧ୍ୟରାତ୍ରିରେ ଖୋଲାଯିବ। ଇତିହାସକୁ ଦେଖିଲେ ରାମାୟଣରେ ରାମ, ସୁବାହୁ ଓ ମାରୀଚ ନାମକ ଦୁଇଜଣ ଅସୁରଙ୍କୁ ମାରିଥିଲେ। ଯେଉଁଠାରୁ ଏହି ମରୀଚିକୁଣ୍ଡ ସୃଷ୍ଟି ହୋଇଛି। ଅପରପକ୍ଷରେ ଐତିହାସିକଙ୍କ ମତରେ ମୁକ୍ତେଶ୍ୱର ମନ୍ଦିର ପୂର୍ବରୁ ଏଠାରେ ମରୀଚି କୁଣ୍ଡ ରହିଥିଲା। ରଥ ଅନୁକୂଜ ସହ ଶୈବ କ୍ଷେତ୍ରରେ ମନ୍ଦିର ନିର୍ମାଣ କାମରେ ଏହି ପାଣି ବ୍ୟବହାର ହୋଇଛି। ଏହି କୁଣ୍ଡ ଜଳରେ ଗାଧୋଇବା ଦ୍ୱାରା ସନ୍ତାନପ୍ରାପ୍ତ ହୁଏ ବୋଲି ଲୋକକଥା ରହିଛି। ବାଞ୍ଛାର ପ୍ରତିଶବ୍ଦ ହେଉଛି ମଡ଼ିଛି। ଯେହେତୁ ନିଃସନ୍ତାନ ମହିଳାମାନେ ଏହି ପାଣିରେ ଗାଧୋଇବା ଦ୍ୱାରା ସେମାନଙ୍କର ସନ୍ତାନପ୍ରାପ୍ତ ହୁଏ ତେଣୁ ପରବର୍ତ୍ତୀ ସମୟରେ ମଡ଼ିଛିର ରୂପାନ୍ତରିତ ହୋଇ ମରିଛି କୁଣ୍ଡ ହୋଇଛି ବୋଲି ଗବେଷକଙ୍କ ମତ।ମାଉସୀମା ମନ୍ଦିର : ଏହି ରୁକୁଣାରଥ ଯାତ୍ରାରେ ଶ୍ରୀଲିଙ୍ଗରାଜ ମାଉସୀମା ମନ୍ଦିରକୁ ଯାଆନ୍ତି। କିନ୍ତୁ ପୁରାଣରେ ଏହାର ବଳିଷ୍ଠ ପ୍ରମାଣ ନଥିବା ଗବେଷକମାନେ କହିଛନ୍ତି। ଯେଉଁ ମାଉସୀମା ମନ୍ଦିରକୁ ମହାଦେବ ଯାଆନ୍ତି ତାହା ରାମେଶ୍ୱର କ୍ଷେତ୍ର। ମାଉସୀମା ମନ୍ଦିର ଏକ ମନଗଢ଼ା କାହାଣୀ ବୋଲି ଗବେଷକମାନେ କହିଛନ୍ତି। ବଙ୍ଗୀୟ ଲୋକକଥାରୁ ଏହା ଉଦ୍ଧୃତ କରାଯାଇଛି। ରାମେଶ୍ୱର ମନ୍ଦିର ବା ରାମେଶ୍ୱର କ୍ଷେତ୍ରରେ ଲକ୍ଷ୍ମଣେଶ୍ୱର ମନ୍ଦିର, ଭରତେଶ୍ୱର ମନ୍ଦିର, ଲବ ମନ୍ଦିର ଓ କୁଶ ମନ୍ଦିର ରହିଛି। ସେହିପରି ଏଠାରେ ଯେଉଁ ପୁଷ୍କରିଣୀ ରହିଛି ତାହାର ବାସ୍ତବ ନାମ ରାମକୁଣ୍ଡ ଅଟେ। ଏହାକୁ ପରବର୍ତ୍ତୀ ସମୟରେ ଅଶୋକଙ୍କ ଅନୁଗତ ବୌଦ୍ଧମାନେ ଅଶୋକାକୁଣ୍ଡ କହୁଥିଲେ। ଏହାପରେ ହିନ୍ଦୁମାନେ ରାମାୟଣକୁ ଆଧାର କରି ଏହାକୁ ଅଶୋକାକୁଣ୍ଡ କରିଥିଲେ।ରୁକୁଣାରଥରେ ବିଜେପ୍ରତିମା : ଶ୍ରୀଲିଙ୍ଗରାଜ ଲିଙ୍ଗ ସ୍ଥାନାନ୍ତରିତ ହେବା ଅସମ୍ଭବ। ତେଣୁ ତାଙ୍କର ଚଳନ୍ତି ପ୍ରତିମା ବା ଯାହାକୁ ବିଜେପ୍ରତିମା କୁହାଯାଏ ସିଏ ଏହି ରଥରେ ଆସିଥାନ୍ତି। ଶ୍ରୀଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଏହି ରଥରେ ଯାତ୍ରା କରନ୍ତି। ତାଙ୍କ ରୁକ୍ମିଣୀ ବା ଦୁର୍ଗା ଓ ଦୋଳଗୋବିନ୍ଦ ବା ବିଷ୍ଣୁ ଏହି ରଥରେ ବିରାଜମାନ କରନ୍ତି।

ରୁକୁଣାରଥର କାରୁକାର୍ଯ୍ୟ : ପୌରାଣିକ ପ୍ରଥା ଅନୁସାରେ ମାଉସୀମା ମନ୍ଦିର କୁହାଯାଉଥିବା ରାମେଶ୍ୱର ମନ୍ଦିରର ଉଚ୍ଚତା ସହ ରୁକୁଣା ରଥର ଉଚ୍ଚତା ସମାନ। ଆହୁରି ମଧ୍ୟ ରାମେଶ୍ୱର ମନ୍ଦିର ଉଚ୍ଚତାର ମାପ ନିଆଯାଇ ରୁକୁଣାରଥ ନିର୍ମାଣ କରାଯାଏ ବୋଲି ବିଶ୍ୱାସ ରହିଛି। ରଥର ଉଚ୍ଚତା ୪୫ ଫୁଟ ହୋଇଥିବାବେଳେ ଚଉଡା ୨୨ ଫୁଟ ଓ ଲମ୍ବା ୨୬ ଫୁଟ ରହିଥାଏ। ସେହିପରି ରଥରେ ୪ଟି ଚକା ଲାଗେ। ଯାହାର ଉଚ୍ଚତା ୮ଫୁଟ। ରଥରେ୪ଟି ଘୋଡ଼ା ରହିଥିବାବେଳେ ଏହାର ରଙ୍ଗ ଧଳା ଓ କସରା।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

## ମାରାତ୍ମକ କ୍ୟାନସର ଓ ହେପାଟାଇଟିସ୍

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ)। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପାଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିନ୍ତ୍ରଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ପୋପଚାର ବା ଗା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ । ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ୍‌ସ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପ

# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

*ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋଡ୍ରେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ଉତ୍କୃଷ୍ଟ ଜୈବିକ ସାର ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବବୃଦ୍ଧକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।*

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର

ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସବ୍ରାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା। ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ

ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଲିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣ ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ୱାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା

୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ

୩. ମିଶ୍ରିତ କୃଷି

୪. ଅଧିକ ଅମଳ କରିପାରୁଥିବା ବିହନ

୫. ନୂତନ ଯନ୍ତ୍ରପାତିର ପ୍ରୟୋଗ

୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓଏୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା

ବିଜ୍ଞାନ ମିହିର ରାଉତ

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶବ୍ଦର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆବୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ। ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୬ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ପୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବିଶ୍ୱ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏକୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍

# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆଷ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଜିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଡଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆଷ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ

ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃତି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ନିଖୋଜ ନାବାଳକର ଝୁଲନ୍ତା ମୃତ ଦେହ ଠାବ, ହତ୍ୟା ନା ଆତ୍ମହତ୍ୟା ଅସ୍ପଷ୍ଟ

ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ଆମଜୋର ଗାଁରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଦଶମ ଶ୍ରେଣୀ ପଢୁଥିବା ଜନୈକ ନାବାଳକ ଙ୍କ ମୃତ ଦେହ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ସୂଚନା ଅନୁଯାୟୀ ଗାଁ ର ଅର୍ଜୁନ ରାଉତ ଙ୍କ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ପୁଅ ପଦ୍ମଲୋଚନ ରାଉତ(୧୬) ବୁଧବାର ଅପରାହ୍ନରୁ ଅପରାହ୍ନ ନିଖୋଜ ଥିଲେ। ପରିବାରଲୋକେ ବହୁତ ଖୋଜା ଖୋଜି କରି ପାଇ ନଥିଲେ । ଏ ସମ୍ପର୍କରେ ଗୁରୁବାର ଅର୍ଜୁନ ତାଙ୍କ ପୁଅ ନିଖୋଜ ଥିବା ନେଇ କଲମପୁର ଥାନାରେ ଲିଖିତ

ଭାବେ ଅଭିଯୋଗ କରିଥିଲେ । କିନ୍ତୁ ଅପରାହ୍ନ ୩ ଟା ସମୟରେ ଆମଯୋର ଡ଼ଙ୍ଗରିଗୁଡ଼ା ବୁଢ଼ାରଜା ଜଙ୍ଗଲର ଏକ ଗଛରେ ମୃତ ଦେହ ଝୁଲୁଥିବା ନେଇ ଜଣାପଡିଥିଲା। ଖବର ପାଇ ଘର ଲୋକେ ମୃତ ଦେହ ପାଖରେ ପହଂଚି ଚିତ୍କାର କରିଥିଲେ। କଲମପୁର ଥାନା ଅଧିକାରୀ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଆସନ୍ତା କାଲି ସାଇଫିଣ୍ଟିକ ଟିମ ଆସିବା ପରେ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ନାଳାୟର ଯାନୀ ସୂଚନା ଦେଇଛନ୍ତି । ଘଟଣା ସ୍ଥଳରେ ପୁଲିସ ଏବଂ ସମ୍ପର୍କୀୟ ମାନେ ଜଗି ରହିଛନ୍ତି । ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାତାହା ସ୍ପଷ୍ଟ ହୋଇନାହିଁ ।

# ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼ ?ମୀରେ ଆୟୋଜିତ ହୋଇଯାଇଛି। ଲୋହିଆ ଏକାଡ଼ ?ମୀ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ସଭାରେ ପ୍ରଫେସର ବିରେନ୍ଦ୍ର ନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ସମଦୃଷ୍ଟି ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଲୋଚନାର ବିଷୟ ଥିଲା 'ଭାରତରେ ସମାଜବାଦର ଭବିଷ୍ୟତ'। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଶ୍ରୀ ସୁଧୀର ପଟ୍ଟନାୟକ ପ୍ରଖର ସମାଜବାଦୀ ଚିନ୍ତକ ରବି ରାୟଙ୍କ ବିଷୟରେ ସମ୍ୟକ ସୂଚନା ଦେବା ସହ ସମାଜବାଦ ବିଷୟକ ଆଲୋଚନା ଯେଉଁ ସମୟରେ କରାଯାଉଛି ସେହି ସମୟର ରାଜନୈତିକ ଓ ସାମାଜିକ ପରିସ୍ଥିତି ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

ପ୍ରଫେସର ବିରେନ୍ଦ୍ର ନାୟକ ଭାରତରେ ସମାଜବାଦର ଇତିହାସ ଆଲୋଚନା କରିବା ବେଳେ ସେ ସମୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବୀ ଦିଗଗୁଡିକୁ ସୂକ୍ଷ୍ମତାର ସହ ବ୍ୟାଖ୍ୟା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସମାଜବାଦ ପ୍ରତି ଦୃଷ୍ଟିକୋଣ ଉପରେ ଆଲୋଚନା କରି ନିଜର ଆଲୋଚନାରେ ନେହେରୁଙ୍କ ବିଚାର, ଲୋହିଆଙ୍କ ବିଚାର ଆଲୋଚନା ସହ ଭାରତରେ ପରିବର୍ତ୍ତିତ ରାଜନୀତିରେ ସମାଜବାଦର ରୂପ ଓ ସମ୍ବିଧାନରେ ତାହାର ପ୍ରତିଫଳନ ଉପରେ ସୂଚନା ପ୍ରଦାନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଜିର ଶାସନ କଳ ମଧ୍ୟ ଜାତି, ଧର୍ମ ଆଧାରରେ ଭାରତର ସମ୍ବିଧାନର ଆତ୍ମା ସମାଜବାଦକୁ କବର ଦେବାରେ ଲାଗିଛନ୍ତି। ତେଣୁ ସମାଜବାଦ ବିନା ଭାରତର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଚାଲିଯିବ। ସମାଜବାଦ ଉପରେ ପ୍ରଫେସର ନାୟକଙ୍କ ଆଲୋଚନା ବେଶ ଚିନ୍ତା ଉଦ୍ଦିପକ ଥିଲା। ପ୍ରଫେସର ନାୟକଙ୍କ ବକ୍ତବ୍ୟ ପରେ ପ୍ରଫେସର ନୀଳମଣି ସାହୁ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ରବି ବେହେରା, ଏନ. ନାରାୟଣ ରେଡ୍ଡୀ, ଡ଼. ସୁମିତ୍ରା ପଟେଲ, ବିଘ୍ନେଶ୍ୱର ସାହୁ, ସ୍ୱୟଂପ୍ରଭା ପାଢ଼ୀ, ଗୋ ?ରାଙ୍ଗ ମହାପାତ୍ର, ବିପିନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସାମାଜିକ କର୍ମୀ, ଲୋହିଆବାଦୀ, ରାଜନୈତିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲୋହିଆ ଏକଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରବି ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା । ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କର

# ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଏକଦିବସିୟ କର୍ମଶାଳା ଅନୁଷ୍ଠିତ

ବାରିପଦା,(ପି.ଏନ): ଶିଶୁ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ପ୍ରତ୍ୟେକ ଶିଶୁକୁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଜିଲ୍ଲାପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଅଛି । ଏହି ପରିପ୍ରେକ୍ଷିରେ ଗତ ଶନିବାର ଦିନ ବାରିପଦା ଅଧିନସ୍ଥ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଏକ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମନ୍ତ ସଏ ଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମସ୍ତ ଉପଖଣ୍ଡରେ ଚାଲୁଅଛି । ବାରିପଦା ଉପଖଣ୍ଡ ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥୀ ଭାବରେ ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଉପସ୍ଥିତ ଥିବାବେଳେ ଜନଜାତି ଶିକ୍ଷା ସଂଯୋଜକ ସମଗ୍ର ଶିକ୍ଷା ଅଭିଯାନ, ମୟୁରଭଞ୍ଜର ଶ୍ରୀଯୁକ୍ତ ସପନ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିଶୁସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅଶ ଆନୁଷ୍ଠାନିକ ସେବା ଶ୍ରୀଯୁକ୍ତ ଅମର କୁମାର ଦେ ଉପସ୍ଥିତ ରହି ଶିଶୁ ସୁରକ୍ଷାର ବିଭିନ୍ନଦିଗ ସମ୍ପର୍କରେ ଆଲେଚନା କରିଥିଲେ । ଆଜ୍ଞନ ଏଡ଼ର ଜିଲ୍ଲା ସଂଯୋଜକ ଶ୍ରୀ ପ୍ରକାଶ କୁମାର ବାରିକ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ତଥା ଶିଶୁଙ୍କୁ ଉପଯୁକ୍ତ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତିର ସଦସ୍ୟ ମନମୋହନ ପ୍ରଧାନ ଏବଂ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ବାସନ୍ତୀ ଟୁଡୁ ଅନ୍ୟତମ ଅଥିତି ଭାବରେ ଉପସ୍ଥିତ ରହି ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ଶିଶୁ ମାନଙ୍କର ସମସ୍ୟା ଏବଂ ସେମାନଙ୍କର ସଠିକ୍ ଥଇଥାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।

# ମେର୍ଦା ପ୍ରିମିୟରଲିଗ ସିଜିନ -୧୦ ଉଦଘାଟିତ

ବେତନଟୀ,(ପି.ଏନ): ବେତନଟୀ ବ୍ଲକ ଅଧୀନ ମେର୍ଦା ଠାରେ ଜୀଉ ଆଥଲେଟିକ କ୍ଲବ ଆନୁକୂଲ୍ୟରେ ମେର୍ଦା ପ୍ରିମିୟର ଲିଗ ସିଜିନ -୧୧ର ଶନିବାର ଶୁଭାରମ୍ଭ ହୋଇଯାଇଛି । ଆୟୋଜକ ଜୀଉ ଆଥଲେଟିକ କ୍ଲବର ସଭାପତି ରାଜୀବ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବେତନଟୀ ବନାଞ୍ଚଳ ଅଧିକାରୀ ମନ୍ଜୁର ଖାଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରଶାନ୍ତ ସିଂସାମନ୍ତ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ମେର୍ଦା ଲ୍ୟାମ୍ପୁର ଏମଡି ହୃଦୟନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଦୀର୍ଘ ଦଶବର୍ଷ ଧରି ଗ୍ରାମାଞ୍ଚଳରେ କ୍ରିକେଟକୁ ନେଇ ଏଭଳି ଆୟୋଜନ କରାଯାଇ ଆସୁଥିବାରୁ ଆୟୋଜକ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ କ୍ଷ କ୍ଲବ ସଦସ୍ୟ ବିଜୟ ସେନାପତିଙ୍କ ସଂଯୋଜନା ଓ ପରିଚାଳନାରେ ଉଦଘାଟନୀ ସମାରୋହର ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଅଭି ସୁପର ଲାୟନ ଏବଂ ନନା -୧୧ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ପ୍ରଥମେ ଟସ ଜିଣି ନନା -୧୧ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବେଳେ ନିର୍ଦ୍ଧାରିତ ୧୨ଓଭରରେ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ ଅଭି ସୁପର ଲାୟନ ୪ଉଇକେଟ ବିନିମୟରେ ୧୦. ୩ ଓଭରରେ ବିଜୟ ହାସଲ କରିନେଇଥିଲା। ଅଜୟ ଖୁଣ୍ଟିଆ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ତୁଷାରକାନ୍ତ ମହାନ୍ତ ୨୩ ବଲରେ ୬୯ରନ ସଂଗ୍ରହ କରି ଟିମକୁ ବିଜୟୀ କରାଇଥିଲେ। ଅମ୍ପାୟାର ଭାବରେ ଲଲାଟେନ୍ଦୁ ସାହୁ ଓ କାଳିଆ ପାତ୍ର ମ୍ୟାଚ ପରିଚାଳନା କରିଥିଲେ।ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆୟୋଜକ କ୍ଲବର ସଦସ୍ୟ ସୁନିତ, ପପୁ, କୁଲୁ, ସୁଶାନ୍ତ, ଦେବୁ, ବାପୁନ, ଆନୁ, ବୁନା, ଦିପୁ, ସାଇ, କାହ୍ନା, ବାବୁ, ବିଜୟ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଛନ୍ତି ।

# ବନ ବିଭାଗ ମୁରୁମ ଗାତରେ ପଡ଼ିଯାଇଥିବା ହାତୀ ଶାବକ ଉଦ୍ଧାର

ମୟୂରଭଞ୍ଜ,(ପି.ଏନ): କରଞ୍ଜିଆ ବନ ବିଭାଗ ମୁରୁମ ଗାତରେ ପଡ଼ିଯାଇଥିବା ହାତୀ ଶାବକ ଉଦ୍ଧାର,ବନ ବିଭାଗ ଓ ଡ଼ାକ୍ତରୀ ଦଳର ୧୦ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଉଦ୍ଧାର ହେଲା।କରଞ୍ଜିଆ ବନଖଣ୍ଡ କରଞ୍ଜିଆ ବନାଞ୍ଚଳ ପକାମୁଣ୍ଡା ସଂରକ୍ଷିତ ଜଙ୍ଗଲ ସଂଲଗ୍ନରେ ଥିବା ଏକ ୧୫-୧୮ ଫୁଟ ଗଭୀର ବେଆଇନ ମୁରୁମ ଗାତରେ ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୨ ଟା ସମୟରେ ୨୬ ଟିକିଆ ଝାଡ଼ଖଣ୍ଡୀ ହାତୀପଲଙ୍କ ମଧ୍ୟରୁ ୫ ଟି ହାତୀ ପକାମୁଣ୍ଡା ନିକଟରେ ଯାଉଥିବା ବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ଅଢ଼େଇ ବର୍ଷିଆ ହାତୀ ଶାବକ ସେହି ମୁରୁମ ଗାତରେ ପଡ଼ିଯାଇଥିଲା।ତାର ମା ହାତୀ ତାକୁ ଜଗିରହିଥିଲା। କରଞ୍ଜିଆ ବନ ବିଭାଗ ଖବର ପାଇ ଉଦ୍ଧାର ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା।କରଞ୍ଜିଆ ବନ ବିଭାଗ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ଓ ବାରିପଦା ଆରସିସିଏଫ କାର୍ଯ୍ୟାଳୟକୁ ଏବିଷୟରେ ଖବର ଦେଇଥିଲେ।ଖବର ପାଇ କେନ୍ଦୁଝରରୁ ଡାକ୍ତର ବ୍ରଜରାଜ ସିଂ ଯାଦବ ଓ ବାରିପଦାରୁ ଡାକ୍ତର ଅଭିଲାଷ ଆଚାର୍ଯ୍ୟ ଓ କରଞ୍ଜିଆ ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ ଡ଼ଃ ଆଶିଷ କୁମାର ଦାସ ଓ ଡଃ ପ୍ରଦୀପ କୁମାର ସାହୁଙ୍କ ସହଯୋଗରେ ବନ ବିଭାଗ ପକ୍ଷରୁ ହାତୀ ଛୁଆକୁ ଉଦ୍ଧାର କରାଯାଇ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ସେଣ୍ଟ୍ରାଲ ନର୍ସରୀକୁ ନିଆଯାଇଥିଲା ।ମାକୁ ଦୂରକୁ ଘଉଡାଇ ପ୍ରଥମେ ସେହି ସ୍ଥାନରେ ତାର ପ୍ରାଥମିକ ଚିକିତ୍ସା ଡାକ୍ତର ମାନେ ସହ ବିଚାରବିମର୍ଶ କରିବା ପରେ ନିଷ୍ପତି ନିଆଯିବ ବୋଲି କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ଏହି ଉଦ୍ଧାର କାର୍ଯ୍ୟ ସମୟରେ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ,କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ,ବନପାଳ ସୁରମୋହନ ବେହେରା, ହରିଶ ବେହେରା,ଦେବଶ୍ରୀ ମହାନ୍ତ,ଭବାନୀ ବେହେରା,ଠାକୁରଦାସ ହେମ୍ବ୍ରମ ତଥା ବହୁ ବନପାଳ,ବନ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍ଧାର କାର୍ଯ୍ୟରେ ଦୁଇଟି ଜେସିବି, ଗୋଟିଏ ହାଇଡ୍ରା, ଟ୍ରାକ୍ଟର ଓ ନିୟୋଜିତ ହୋଇଥିଲା। ପାଞ୍ଚପୀଢ଼ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର,କରଞ୍ଜିଆ ପୋଲିସ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକ, ସବ୍ ଇନ୍ସପେକ୍ଟର ବଳରାମ ମହାରଣା ଶାନ୍ତି ଶୃଙ୍ଖଳାର ସହ ଯେପରି ଅପରେସନ ସମ୍ପନ୍ନ ହୁଏ ସେ ବିଷୟରେ ସମସ୍ତ ବ୍ୟବସ୍ଥା କରିଥିଲେ। ତେବେ ଜଙ୍ଗଲ ସନ୍ନିକଟ ଏତେବଡ଼ ଗାତ କେବେ ଓ କିପରି ?ହେଲା,କିଏ କଲେ। ରାଜସ୍ୱ ବିଭାଗ କିପରି ଏଠାରୁ ମୁରୁମ ଚୋରା ଚାଲାଣ ହେବା ଜାଣି ପାରିଲା ନାହିଁ ତାହା ଏହି ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏଥିପାଇଁ ରାଜସ୍ୱ ବିଭାଗ ଶତପ୍ରତିଶତ ଦାୟୀ। ଯଦି ଏହା ହୋଇ ନଥାନ୍ତା ତେବେ ବିଚରା ଅକୁହା ହାତୀ ଶାବକ ଏପରି ଗୁରୁତର ଆହାତ ହୋଇ ନଥାନ୍ତା। ତେଣୁ ଉଭୟ ବନ ବିଭାଗ ଓ ରାଜସ୍ୱ ବିଭାଗ ଏଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି।

# ଗାନ୍ଧୀ କଥାରେ ନିଶା ନିବାରଣ ଓ ଜୈବ ବିବିଧତା ସୁରକ୍ଷା ଲାଗି ଆହ୍ୱାନ

କେନ୍ଦୁଝର,(ପି.ଏନ): ଗାନ୍ଧୀ ବିଚାର ପରିଷଦ, ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଓ କ୍ଷିତିଜ୍ୟୋତିଃ ଆଶ୍ରମ,ଘଟଗାଁର ମିଳିତ ସହଯୋଗିତାରେ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇ ଯାଇଛି । ଆଶ୍ରମର ପରିଚାଳକ ଶ୍ରୀ ଅର୍ଜୁନ ଚରଣ ମହାନ୍ତ ଏହି ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଶ୍ରୀ ଭକ୍ତ ବତ୍ସଲ ମହାନ୍ତି ଯୋଗ ଦେଇଥିଲେ। ସେ କେନ୍ଦୁଝର ଜିଲ୍ଲାର ସୁନ୍ଦର ପ୍ରାକୃତିକ ଜୈବ ବିବିଧତା କଥା କହିଥିଲେ,ଯାହା ଏବେ ଧ୍ୱଂସ ହେଉଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଖଣି ଖାଦାନ ଲାଗି ଅବାଧ ଗଛ କଟା ଚାଲିଛି ଦିନରାତି ବ୍ଲାଷ୍ଟିଂ ହେଉଛି । ଲୋକେ ଗଛ କାଟି ଘର କରୁଛନ୍ତି। ସେହିପରି ଜମିରେ ରାସାୟନିକ ସାର ବ୍ୟବହାର କରି କରି ମାଟିର ଉର୍ବରତା ନଷ୍ଟ କରି ଦେଲେଣି। ଆମେ ବର୍ତ୍ତମାନ ବିଷ ବଳୟ ମଧ୍ୟରେ ରହୁଛନ୍ତି। ଆମକୁ ନିଜ ପରିବେଶ ରକ୍ଷା କରିବାକୁ ହେବ ବୋଲି ସେ ସମସ୍ତେ ବୁଝାଇ ସତର୍କ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଶ୍ରମର ସଂଗଠକ ସାଧୁ ଚରମା ନନ୍ଦ ଦାସ ଯୋଗ ଦେଇ ମାତୃ ଶକ୍ତିର ଅଭ୍ୟୁଦୟ ଉତ୍ଥାନ ଉପରେ ବୁଝାଇ ଥିଲେ। ସବୁ ମାଆ ଏକାଠି ହେଲେ ଗ୍ରାମ ଗ୍ରାମରୁ ମଦ ବନ୍ଦ ହେବ ନିଶା ନିବାରଣ ସମ୍ପୂର୍ଣ୍ଣ ହେବ। ଫଳରେ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହୋଇ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ରାମରାଜ୍ୟ ଗଠନ ସମ୍ଭବ ହେବ। ସେହିପରି ଗାନ୍ଧୀ ବିଚାର ପରିଷଦର ଉପସଭାପତି ଶ୍ରୀ କର୍ଷାଟ କିଶୋର ଜେନା କହିଥିଲେ ଗାନ୍ଧୀ ବିଚାର ଜାଣିବାକୁ ସମସ୍ତେ ଉତ୍କଳ ସର୍ବୋଦୟ ମଣ୍ଡଳର ପାକ୍ଷିକ ପତ୍ରିକା ସର୍ବୋଦୟ କିଣି ପଢନ୍ତୁ। ଏଥିରୁ ସୂକ୍ଷ୍ମ ଭାବେ ଗାନ୍ଧୀ ବିଚାର ବିଷୟରେ ସମସ୍ତେ ଜାଣି ପାରିବେ। ସାମାଜିକ କର୍ମୀ ସୁବାସିନୀ ସ୍ୱାଇଁ,ନିହାର ରଞ୍ଜନ ବେଜ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିବେକାନନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ୩୦ତମ ବାର୍ଷିକ କ୍ରୀଡାଉତ୍ସବ ଅନୁଷ୍ଠିତ

ବେତନଟୀ.(ପି.ଏନ):ବେତନଟୀ ବ୍ଲକ ପୁରିନ୍ଦା ପଞ୍ଚାୟତ ଅଧୀନ ପୁରିଖୁଣ୍ଟା ଗ୍ରାମର ବିବେକାନନ୍ଦ ଯୁବକସଂଘ ଆନୁକୂଲ୍ୟରେ ୩୦ତମ ବାର୍ଷିକ କ୍ରୀଡାଉତ୍ସବ ପାଳିତ ହୋଇଯାଇଛି କ୍ଷ ଆୟୋଜକ ଅନୁଷ୍ଠାନର ସଭାପତି ଶିବ ମହାନ୍ତଙ୍କ ଅଧକ୍ଷତା ଏବଂ ସମ୍ପାଦକ ଯୁଧିଷ୍ଠିର ମହାନ୍ତଙ୍କ ସଂଯୋଜନା ଓ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତଯୋଗିତାର ଆୟୋଜନ କରାଯାଇଥିଲା କ୍ଷ ଅପରାହ୍ନରେ ବେତନଟୀ ୩୫ନଂ ଜୋନର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ କ୍ଷ ପୁରିଖୁଣ୍ଟା ଭଳି ଗ୍ରାମାଞ୍ଚଳରେ ୩୦ବର୍ଷ ଧରି ଅଞ୍ଚଳର ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହିତ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଆୟୋଜକ ଅନୁଷ୍ଠାନର ନିରବଚ୍ଛିନ୍ନ ପ୍ରୟାସକୁ ମୁଖ୍ୟଅତିଥି ଶ୍ରୀଯୁକ୍ତପରିଡା ପ୍ରଶଂସା କରିଥିଲେ କ୍ଷ ତିନିଦିନ ବ୍ୟାପୀ ଚାଲିଥିବା ବାର୍ଷିକକ୍ରୀଡା ଉତ୍ସବରେ ଅଞ୍ଚଳର ପିଲାମାନଙ୍କ ସମେତ ମହିଳାମାନଙ୍କ ପାଇଁ ମଧ୍ୟ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା କ୍ଷ ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସଭାପତି, ସମ୍ପାଦକଙ୍କ ସମେତ କୋଷାଧକ୍ଷ ସୁବାସଚନ୍ଦ୍ର ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଦିଗମ୍ବର ମହାନ୍ତ, କିଶୋର ମହାନ୍ତ, ଗୌରମ ମହାନ୍ତ, ଝଣ୍ଟୁ ମହାନ୍ତ, ତାପସ,. ମଲୟ, ଚନ୍ଦନ, ବୁବୁନ, ସୋନୁ, ଭାସ୍କର, ଧିରେନ, ସଞ୍ଜୁ, ସିକନ ଏବଂ ପୁତୁଲ ମାଂଝୀ ସମେତ ସମସ୍ତ ସଦସ୍ୟ ସକ୍ରିୟ ଦାୟିତ୍ୱ ସମ୍ପାଦନ କରୁଛନ୍ତି ।

# ହାତୀ ଦଳି ଦେବାରୁ ଜଣେ ମୃତ, ବ୍ୟାପକ ଫସଲ କ୍ଷତି

ବାରିପଦା.(ପି.ଏନ): ବାରିପଦା ସହର ଉପକଣ୍ଠ ନୁରୁଡିହି ଗାଁ ପାଖରେ ଚାଳିଶି ରୁ ଉର୍ଦ୍ଧ୍ୱ ହାତୀ ଦେଖିବାକୁ ମିଳିଛି । ଆଜି ସକାଳୁ ଏହି ହାତୀ ପୋଲ କୃଷ୍ଣଚନ୍ଦ୍ରପୁର ଅଞ୍ଚଳ ରୁ ବଡ଼ସାହି,ପ୍ରତାପପୁର ଦେଇ ଶାମାଖୁଣ୍ଟା ଅଞ୍ଚଳ ରେ ବିଚରଣ କରୁଛନ୍ତି। ଆଜି ଏହି ହାତୀ ପୋଲ ନୁରୁଡିହି ଅଞ୍ଚଳ ରେ ଥିବା ବେଳେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡି ଯାଇଥିଲେ । ହାତୀ ଆକ୍ରମଣ ରେ ବ୍ୟକ୍ତି ଜଣକ ଗୁରୁତର ହୋଇଥିବା ବେଳେ ତାଙ୍କୁ ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା ହେଲେ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଛନ୍ତି,ମୃତ ବ୍ୟକ୍ତି ଜଣକ ହେଲେ ସଦର ଥାନା ଅନ୍ତର୍ଗତ ଦାଡଦୁଡ ଅଞ୍ଚଳ ର ମଧୁସୂଦନ ପାଣ୍ଡେ ।ଏତେ ପରିମାଣର ହାତୀ ଦେଖି ଲୋକେ ଭୟଭୀତ ହୋଇଥିବା ବେଳେ ବନ କର୍ମଚାରୀ ମାନେ ମଧ୍ୟ ହାତୀ ଘୋଉଡାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି , କିଛି ଉଦଭାନ୍ତ ଯୁବକ ହାତୀ ପୋଲ ପଛରେ ପଡିଥିବା ବେଳେ, ହାତୀ ଉତ୍ୟକ୍ତ ହୋଇ ଉପଦ୍ରବ କରୁଥିବା ଦେଖିବାକୁ ମିଳୁଛି ।

# ରାଇରଙ୍ଗପୁରରେ ସଡକ ସୁରକ୍ଷା କାର୍ଯ୍ୟକ୍ରମ ଉପଜିଲ୍ଲାପାଳଙ୍କ ଦ୍ୱାରା ଶୁଭାରମ୍ଭ

ରାଇରଙ୍ଗପୁର (ପି.ଏନ): ଜାନୁଆରୀ ୧ ରୁ ୩୧ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଥିବା ବାମନଘାଟୀ ଉପଖଣ୍ଡ ସ୍ତରୀୟ ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଶୁଭ ଉଦଘାଟିତ ହୋଇଯାଇଛି । ଅତିରିକ୍ତ ଆଂଚଳିକ ପରିବହନ ବିଭାଗ ଜରିଆରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୦.୩୦ ଟା ସମୟରେ ଶୁଭାରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଂଜନ ପ୍ରଧାନ, ଅତିରିକ୍ତ ପରିବହନ ଅଧିକାରୀ ଇଂ ସନ୍ଦୀପ ପାଇକରାୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ପ୍ରମୁଖ ସଡ଼କ ସୁରକ୍ଷା ରଥକୁ ସୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ଏଥିରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ରାମ ଏବଂ ଛାତ୍ରୀ ବୃନ୍ଦ,ମନଘାଟୀ ଟ୍ରକ ମାଲିକ ସଂଘ, ରାଇରଙ୍ଗପୁର ପୋଲିସ, ରାଇରଙ୍ଗପୁର ଗଣମାଧ୍ୟମ ପ୍ରତିନିଧି,ପରିବହନ କର୍ମଚାରୀ,ବସ ମାଲିକ ସଂଘ,ଅଟୋ ମାଲିକ ସଂଘ,ମୋଟର କର୍ମଚାରୀ ସଂଘ ପ୍ରମୁଖ ଅଂଶ ଗ୍ରହଣ ଅରିଥିଲେ । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସମସ୍ତେ ହାତରେ ପ୍ଲାକାର୍ଡ ଧରି ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସଡ଼କ ସୁରକ୍ଷା ସଚେତନତା ସ୍ଲୋଗାନ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା । ରାସ୍ତାରେ ପରିବହନ ବିଭାଗ ତରଫରୁ ରାସ୍ତାରେ କାଯାଉଥିବା ପଥିକ,ବାଇକ ଆରୋହୀ ଲଘୁଯାନ,ଭାରି ଯାନ ଯାଉଥିବା ଚାଳକ , ଯାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ର ଲିଫଲେଟ ପ୍ରଦାନ କରାଯାଇଥିଲା । ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ,ଜୀବନ ରକ୍ଷା,ହେଲମେଟ ପିନ୍ଧି ବାଇକ ଚଳାଇବା,ବାଇକ ଚଳାଇଲା ବେଳେ ମୋବାଇଲ କାନରେ ଲଗାଇ କଥା ନ ହେବା,କାର୍ ରେ ବସିବା ବେଳେ ସିଟ୍ ବେଲ୍ଟ ଲଗାଇବା,ମଦ ପିଇ ଗାଡ଼ି ନ ଚଲାଇବା, ସଡ଼କ ଦୁର୍ଘଟଣାରୁ ଧନ ଜୀବନର ସୁରକ୍ଷା ପାଇଁ ସଡକ ସୁରକ୍ଷା ଜୀବନ ରକ୍ଷା ଆଧାରିତ ସମସ୍ତ ନିୟମ କାନୁନ ସମ୍ବନ୍ଧରେ ପ୍ରଥମେ ଜାଣିବା,,ତାକୁ ଶତ ପ୍ରତିଶତ ଅନୁପାଳନ କରିବା,ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା,କମ ବୟସର ପିଲାଙ୍କୁ ଗାଡ଼ି ନ

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ସୋନପୁର ଅଞ୍ଚଳରୁ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday April 05 | ଭୁବନେଶ୍ୱର ଶନିବାର, ୦୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଷଣ୍ଡକୁଦ ଜଗନ୍ନାଥ ମନ୍ଦିରରେ 'ଆନନ୍ଦ ବଜାର' ଗୃହ ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପ ପୌରାଞ୍ଚଳର ଷଣ୍ଡକୁଦ ବସ୍ତି ରେ ଥିବା ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକ ଆନନ୍ଦ ମଣ୍ଡପ ଗୃହ ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି ଷ୍ଟ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଯଥା ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଏହି ଗୃହର ଶିଳାନ୍ୟାସ କରି ପୂଜା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଷ୍ଟ ଅନ୍ୟମାନଙ୍କ ମଧ୍ୟରେ ୧୮ ନମ୍ବର ୱାର୍ଡ ର ପାରିଷଦ କେ.ଜଗନ୍ନାଥ ରାଓ, ମନ୍ଦିର ଟ୍ରଷ୍ଟ ର ସଭ୍ୟ ଦୀପକ ବେହେରା, ଗଦାଧର ଦାସ, ଅକ୍ଷୟ ଜେନା, ଶୁକଦେବ ବେହେରା, ରଥ ଓଝା, କେଦାର ପରିଡା,ପବିତ୍ର ନାୟକ, ଭ୍ରମରବର ନାୟକ, ସୁଜିତ ପରିଡା, ନାରାୟଣ ପରିଡା, ବିଧାନ ସାମନ୍ତ, ଗଣେଶ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ । ତେବେ ପୌରପାଳିକା ସହଯୋଗରେ ଏହି ଆନନ୍ଦ ବଜାର ନିର୍ମାଣ ପରେ ପ୍ରସାଦ ପ୍ରସ୍ତୁତି ସହଜସାଧ ହେବ ବୋଲି ମନ୍ଦିର ର ଟ୍ରଷ୍ଟି ଦୀପକ ବେହେରା କହିଛନ୍ତି ।

## ବୟାଳିଶ ମୌଜା ବିକାଶ ପରିଷଦର ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ୨୦୨୫ ର ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): କଟକ ସଦର ୪୨ମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୪୨ମୌଜା ବିକାଶ ପରିଷଦର ୨୪ତମ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବର ପ୍ରସ୍ତୁତି ବୈଠକ ଆଜି ବହଳପଡ଼ା ଗୋପିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିଷଦର ସଭାପତି ଆଡ଼ଭୋକେଟ୍ କେଶବ ଚନ୍ଦ୍ର କର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବିକାଶ ପରିଷଦର ପୂର୍ବତନ ପ୍ରାଥମିକ ସଦସ୍ୟ, ଶିକ୍ଷାବିତ୍ ନାଟ୍ୟ ନିର୍ଦ୍ଦେଶକ ପବିତ୍ର ମୋହନ ପ୍ରଧାନଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ନିମନ୍ତେ ଆଲୋଚନାରେ ଅଂଶଗ୍ରହଣ କରି ପରିଷଦର ସାଧାରଣ ସଂପାଦକ ସନ୍ତୋଷ କୁମାର ପତି, ଉପସଭାପତି ଗୌତମ ପରିଡ଼ା, ସହସଂପାଦକ ସୁରେଶ ଚନ୍ଦ୍ର ଦେବତା, ଉପଦେଷ୍ଟା ଅଧ୍ୟାପକ ଗଣେଶ୍ୱର ଦାସ, ଅଧ୍ୟାପକ ସ୍ୱାଧିନ ଶେଖର ଷଡ଼ଙ୍ଗୀ, ଧିରେନ୍ଦ୍ର ବେହେରା, ପ୍ରମୋଦ କୁମାର ମହାପାତ୍ର, ପ୍ରସନ୍ନ କୁମାର ଦଳାଇ, ସ୍ମୃତି ମହାନ୍ତି ମାଟ୍ରିକ ପରୀକ୍ଷାର ଫଳାଫଳ ବାହାରିବା ପରେ ପରେ ମେ ମାସର ୨୫ ତାରିଖ ରବିବାର ମେଧା ପ୍ରତିଭା ସମ୍ମାନ ଉତ୍ସବ କରିବା ନିମନ୍ତେ ସଭାରେ ଆଲୋଚନା ହୋଇଥିଲା । ଏପ୍ରିଲ ୩୦ ସ୍ମୃତି ସ୍ମରଣିକା "ପଲ୍ଲିଶ୍ରୀ" ନିମନ୍ତେ ସମସ୍ତ ଲେଖାମାନ ସଂପାଦକ ସନ୍ତୋଷ କୁମାର ପତି ଓ ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ରଙ୍କ ନିକଟରେ ପହଁଚାଇବା ନିମନ୍ତେ ସଭାରେ ନିଷ୍ପତି ନିଆଯାଇଥିଲା । ବୟାଳିଶ ମୌଜା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ଜିଲ୍ଲାପାଳଙ୍କୁ ଓ କମିଶନରେଟ୍ ପୋଲିସଙ୍କୁ ଭେଟି ପରିଷଦ ତରଫରୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ ସଭାରେ ସ୍ଥିର କରାଗଲା ।ଏହି ସଭାରେ ଉପଦେଷ୍ଟା ବୁଲେଇ ବେହେରା, କୃଷ୍ଣଚନ୍ଦ୍ର ଦାସ, ଅଶୋକ କୁମାର ମହାନ୍ତି, ସୁଜନ କୁମାର ରାଉତ,ହେମନ୍ତ ପାତ୍ର, ଅଶୋକ କୁମାର ମୁଦୁଲି, ଅଶୋକ କୁମାର ତ୍ରିପାଠୀ, ସଂଯୋଜନ ନିକୁଞ୍ଜ କୁମାର ସ୍ୱାଇଁ, ସୃତିଧର ପତି, ସଞ୍ଜୟ କୁମାର ବେହେରା, ଚନ୍ଦନ ପ୍ରଧାନ, ଜଗବନ୍ଧୁ ସ୍ୱାଇଁ, ବିଶ୍ୱଜିତ ପ୍ରଧାନଙ୍କୁ ପରିଷଦ କରତାଳି ଦେଇ ଗ୍ରହଣ କରିଥିଲେ। ସର୍ବଶେଷରେ ସଭାପତି ଶ୍ରୀଯୁକ୍ତ କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ନୈଶ୍ୟ ଭୋଜିରେ ଯୋଗ ଦେବାକୁ ଅନୁରୋଧ କରିଥିଲେ ।

## ବାରଙ୍ଗ ବ୍ଲକରେ ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା ଓ ପରିଦର୍ଶନ କଲେ ସଦର ଉପ ଜିଲ୍ଲାପାଳ

ଭୁବନେଶ୍ୱର,(ପି.ଏନ): ଫୁଲନଖରା କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ବାରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଛନ୍ତି,ଟିଗୁଲିଆ ବସଷ୍ଟାଣ୍ଡ, ବାରଙ୍ଗ ସ୍ୱାସ୍ଥ କେନ୍ଦ୍ର, ଭାଲୁଙ୍କା ଅଙ୍ଗନଓଡ଼ି କେନ୍ଦ୍ର ଓ ଜଳ କଷ ଗ୍ରାମ ପରିଦର୍ଶନ କରି ପାନୀୟ ଜଳ ବ୍ୟବସ୍ଥାର ତଦାରଖ କରିଥିଲେ ଏବଂ ଜନସଚେତନତା ପାଇଁ ବ୍ଲକ ତରଫରୁ ନିଆଯାଉଥିବା ପଦକ୍ଷେପ ବୁଲି ଦେଖିଥିଲେ, ତାଙ୍କ ସହିତ ସହକାରୀ ଜିଲ୍ଲାପାଳ, ବାରଙ୍ଗ ବିଡିଓ ସ୍ୱାଗତ ଦାସ, ମେଡିକାଲ ଅଫିସର, ସିଡିପିଓ ସଂଯୁକ୍ତା ମହାରଣା, ସହକାରୀନିର୍ବାହୀ ଯନ୍ତା ଅଦିତ୍ୟ ନାରାୟଣ ମିଶ୍ର, ସହକାରୀ ଯନ୍ତା ସଞ୍ଜା ସାହୁକିକା ସ୍ୱାଇଁ,କନିଷ୍ଠ ଯନ୍ତା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡ଼ିଇ ଓ, ସରପଞ୍ଚ ଚିତାଞ୍ଜଳୀ ସାମଲ, ସମିତି ସଭ୍ୟା ପ୍ରତିମା ଦାସ, ଅଙ୍ଗନଓଡି କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ଆଜି ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା : ରଙ୍ଗ ତୃଳୀରେ ରୁକୁଣା ରଥ

ଭୁବନେଶ୍ୱର,(ପି.ଏନ): ଆଜି ଅଶୋକାଷ୍ଟମୀ । ଏକାମ୍ର ଅଧୀଶ୍ୱର ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା । ଏଥିପାଇଁ ଉତ୍ସବ ମୁଖରିତ ହୋଇ ଉଠିଛି ଏକାମ୍ରକ୍ଷେତ୍ର । ସମଗ୍ର ପରିବେଶ ଶିବ ପ ାକ୍ଷରୀ ମନ୍ତରେ ଗୁରିତ ହୋଇ ଉଠିବ । ଭଉଣୀକୁ ସାଙ୍ଗରେ ନେଇ ମାଉସୀ ଘରକୁ ଯିବେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ । ରୁକୁଣା ରଥରେ ବିଜେ କରି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିବେ । ସାଙ୍ଗରେ ଦୋଳଗୋବିନ୍ଦ ଏବଂ ଭଉଣୀ ରୁକୁଣୀ ମଧ ବିରାଜମାନ କରିବେ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ପୋଖରୀପୁଟ ଅ ଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଶ୍ରଦ୍ଧା ଓ ଭକ୍ତିର ସହ ରଙ୍ଗ ତୃଳୀରେ ମହାପ୍ରଭୁଙ୍କ ରୁକୁଣା ରଥର ଚିତ୍ର ଆଙ୍କି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଶୁଭକାମନା ଜଣାଇଛନ୍ତି ।

## ରାଜନୈତିକ କନ୍ଦଳରେ ବଳି ପଡିଲା ରାସ୍ତାକାମ

ଫୁଲନଖରା,(ପି.ଏନ):ବୟାଳିଶମୌଜା ଅନ୍ତର୍ଗତ ଦଧିବାମନପୁର ପଂଚାୟତସ୍ଥ ଭୂଆସୂଣି ମନ୍ଦିର ଠାରୁ ମଲିଆ ଜୋର ପର୍ଯ୍ୟନ୍ତ ଥିବା ରାସ୍ତାଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିଲା । ଏହି ଢଳେଇ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡିଥିଲା । ତେବେ ଗତ ଆର୍ଥିକ ବର୍ଷରେ ଜିଲ୍ଲାପରିଷଦ ପାଣ୍ଠିରୁ ୫ ଲକ୍ଷ ଟଙ୍କା ରାସ୍ତା ପାଇଁ ମଂଜୁର କରାଯାଇଥିଲା । ପୂର୍ବତନ ସରକାରଙ୍କ ସମୟରେ ମଂଜୁର ହୋଇଥିବାରୁ ସେତେବେଳର ଶାସକ ଦଳର ଲୋକଙ୍କୁ କାମ କରିବା ପାଇଁ ବାଧ କୁହାଯାଇଥିଲା । ମାତ୍ର ସରକାର ପରିବର୍ତ୍ତନ ପରେ ବିଧାୟକ ସମସ୍ତ ପୁରୁଣା ଏଜେନ୍ସି ଓ ସମସ୍ତ ପୁରୁଣା କାମକୁ ବାତିଲ କରିଦେଲେ । ନୂତନ ଭାବରେ ନିଜ ଦଳୀୟ ପିଲାଙ୍କ ନାଁ ଏଜେନ୍ସି ପାଇଁ ଦେଲେ । ନୂତନ ଭାବେ ଭୂଆସୂଣି ମନ୍ଦିରର ଏଜେନ୍ସି ନେଇଥିବା ଏବଂ ପୁରୁଣା ଏଜେନ୍ସି ମଧ୍ୟରେ ରାଜନୈତିକ କନ୍ଦଳ ଦେଖାଯାଇଥିଲା । ଏପରିକି ଆକ୍ଷେପ ପ୍ରତ୍ୟାକ୍ଷେପ ଭିତରେ ବୟାଳିଅମୌଜା ଥାନା ରେ କଥା ପହଁଚିଥିଲା । ତେବେ ବହୁଦିନ ପରେ କାମ ନହେବାରୁ ସଦର ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ସମ୍ପୃକ୍ତ ରାସ୍ତା ପାଇଁ ଥିବା ଅନୁଦାନ ରାଶିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ସେହି ରାସ୍ତା ପାଇଁ ପରେ ଅନୁଦାନ ରାଶି ଆସିଲେ ରାସ୍ତା କାମ ହେବ । ତେବ ରାଜନୈତିକ କନ୍ଦଳରେ ବଳି ପଡିଥିବା ଏହି ରାସ୍ତା କେବେ ମରାମତି ହେବ ତାହା ଏବେ ପ୍ରଶ୍ନବାଚୀ । ଅନ୍ୟପଟେ ଅନୁଦାନ ଫେରିବା ପରେ ଶାସକ ଦଳ ପାଇଁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ୫ମ ଆନ୍ତଃ ବିଭାଗୀୟ ଓ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ : ପ୍ରଶାସନିକ ବିଭାଗ ଅର୍ଥ ବିଭାଗକୁ ୧୦ ଉଇକେଟେରେ ପରାସ୍ତ କଲା

ପାରାଦୀପ,(ପି.ଏନ): ପ୍ରତି ବର୍ଷ ପରି ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୩ ତାରିଖ ଦିନ ୫ମ ଆନ୍ତଃ ବିଭାଗୀୟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି । ପ୍ରତିଯୋଗିତାକୁ ବନ୍ଦର ଉପାଧକ୍ଷ ନିଳଭ୍ର ଦାସଗୁପ୍ତା ଉଦଘାଟନ କରି କହିଥିଲେ କି ଏ ପ୍ରକାର ପ୍ରତିଯୋଗିତା ବନ୍ଦରର ଅଧିକାରୀ ଓ କର୍ମଚାରୀ ତଥା ବନ୍ଦର ବ୍ୟବହାରକାରୀ ଓ ଅନ୍ୟ ସଂସ୍ଥା ମାନଙ୍କ ମଧ୍ୟରେ ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହେବ । ଉଦଘାଟନୀ କାର୍ଯ୍ୟକ୍ରମରେ ଆଇଓସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ ତଥା ବନ୍ଦରର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ । ଶେଷରେ ଫୁଟବଲ କୋଚ୍ ରବି ଦାସ ଧନ୍ୟବାଦ୍ ଦେଇଥିଲେ । ଏହି ପ୍ରତିଯୋଗିତା ୧୧ ଦିନ ଧରି ଚାଲିବ ଏବଂ ଏଥିରେ ବନ୍ଦରର ୭ଟି ବିଭାଗ ଓ ୧୩ଟି ଅନ୍ୟ ସରକାରୀ, ବେସରକାରୀ ସଂସ୍ଥା, ବ୍ୟାଙ୍କ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥା ଭାଗ ନେଉଛନ୍ତି । ଇଂଟର୍ ଡିପାର୍ଟମେଣ୍ଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ବନ୍ଦର ଟ୍ରାଫିକ ବିଭାଗ ଇଞ୍ଜିନିୟରିଂ ବିଭାଗକୁ ଭେଟିଥିଲା । ଟ୍ରାଫିକ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ବିନିମୟରେ ୧୦୯ ରନ କରିଥିଲା । ଜବାବରେ ଇଞ୍ଜିନିୟରିଂ ବିଭାଗ ୫ ୱିକେଟ ବିନିମୟରେ ୧୦୪ ରନ କରିଥିଲା । ଟ୍ରାଫିକ ତାର ପ୍ରଥମ ମ୍ୟାଚ୍‌ରେ ୬ ରନରେ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ୍‌ରେ ଇଏଣ୍ଡଏମ ବିଭାଗ ୪ ଉଇକେଟ ବିନିମୟରେ ୧୧୯ ରନ କରିଥିଲା । ୧୨୦ ରନର ବିଜୟ ଲକ୍ଷ୍ୟ ନେଇ ମେରାଇନ ବିଭାଗ ୫ଟି ଉଇକେଟ ହରାଇ ମାତ୍ର ୯୫ ରନ କରି ପରାଜିତ ହୋଇଥିଲା । ଇଏଣ୍ଡଏମ ବିଭାଗ ୨୫ ରନରେ ମ୍ୟାଚ୍‌ଟିକୁ ଜିତିଥିଲା ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray